ବର୍ଷ-୨୬, ସଂଖ୍ୟା-୨୨୧
ଭୁବନେଶ୍ୱର
ଅଗଷ୍ଟ ୧୭, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 221
Bhubaneswar
August, 17 2026, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବନ୍ୟା ମୁକାବିଲା ପାଇଁ ଆକ୍ସନ ପ୍ଲାନ୍

## ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ, ସବୁ ଅଫିସରଙ୍କ ଛୁଟି ବାତିଲ; ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଗଲେ ୩ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର,୧୬।୮(ମହାଭାରତ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଏସଆରସି ରାଜେଶ ପ୍ରଭାକର ପାଟିଲ, ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ସଚିବ ଶୋଭା ଶର୍ମା, ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ବର୍ଷା ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ବର୍ଷାରେ ୪୯ଟି ବ୍ଲକ, ୫ଟି ସହର ଓ ୩୩୧ଟି ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଛି। ପ୍ରାୟ ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ସୁରକ୍ଷା ଦୃଷ୍ଟିରୁ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୨୯୩ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି।

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଅଗଷ୍ଟ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ୧୭ ତାରିଖରେ ବର୍ଷାର ପରିମାଣ ବଢ଼ିବା ଏବଂ ୧୮ ତାରିଖରେ ବର୍ଷା ପରିମାଣ କିଛିଟା କମିବାର ଆକଳନ କରାଯାଇଛି। ୧୯ ତାରିଖରୁ ପାଗରେ ସୁଧାର ଆସିପାରେ। ଜୁନ ୧ରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୯୫୩ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ପ୍ରାୟ ୨୭ ପ୍ରତିଶତ ଅଧିକ।ବନ୍ୟା ସ୍ଥିତିର ଗ୍ରାଉଣ୍ଡ ମନିଟରିଂ ପାଇଁ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାକୁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ପଠାଯାଇଛି। ପୂର୍ବରୁ ବନ୍ୟା ପରିଚାଳନାର ଅଭିଜ୍ଞତା ଥିବା ଏହି ଅଧିକାରୀମାନେ ଜିଲ୍ଲାପାଳଙ୍କୁ ସହଯୋଗ କରିବେ। ଏଥିସହ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ମଧ୍ୟ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି।

ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ପୂର୍ବରୁ ଛୁଟିରେ ଅଛନ୍ତି, ସେମାନଙ୍କୁ ମଧ୍ୟ ଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଅଧିକାରୀଙ୍କୁ କ୍ଷେତ୍ରରେ ରହି ରିଲିଫ୍ ଓ ଉଦ୍ଧାର



କାର୍ଯ୍ୟର ତଦାରଖ କରିବାକୁ କୁହାଯାଇଛି।

ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଝଚଘଡଙଖର ଅଧିକାରୀମାନେ ଫିଲ୍ଡରେ ନିୟୋଜିତ ଅଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ଯେଉଁ ଅଞ୍ଚଳରେ ସମ୍ଭବ, ସେଠାରେ ବିଦ୍ୟୁତ ସରବରାହ ପୁନଃସ୍ଥାପନ କରାଯିବ। ସେହିଭଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟିମ୍ ମୁତୟନ କରାଯାଇଛି। ମେଡିକାଲ କଲେଜଗୁଡ଼ିକର କମ୍ୟୁନିଟି ମେଡିସିନ୍ ବିଭାଗର ଟିମ୍ ରିଲିଫ୍ କ୍ୟାମ୍ପରେ ଉପସ୍ଥିତ ରହିଛନ୍ତି। ଆବଶ୍ୟକ ପରିମାଣର ଆଣ୍ଟି-ସ୍ନେକ୍ ଭେନମ୍ ମହଜୁଦ ରଖାଯାଇଛି। ରାପିଡ୍ ରେସ୍ପନ୍ସ ଟିମ୍ ଗୁଡ଼ିକ ନିୟମିତ ଭାବେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ବନ୍ୟା ସ୍ଥିତି ଉପରେ ନଜର ରଖିବାକୁ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଦିନରାତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଣି କମିବା ପରେ ବନ୍ୟା ଯୋଗୁଁ ହୋଇଥିବା ଘାଇ ଓ ଅନ୍ୟାନ୍ୟ କ୍ଷୟକ୍ଷତିର ମରାମତି କରାଯିବ। ବର୍ତ୍ତମାନ କ୍ଷୟକ୍ଷତିର ଆକଳନ ମଧ୍ୟ ଚାଲିଛି ।ବନ୍ୟାଜଳରେ କୁମ୍ଭୀର ଆକ୍ରମଣର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ କରାଯାଇଛି। ବନ୍ୟାଜଳ ଦେଖିବା କିମ୍ବା ସେଲ୍ଫି ନେବା ପାଇଁ ବିପଦପୂର୍ଣ୍ଣ ସ୍ଥାନକୁ ନଯିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ସେହିଭଳି ଜିଲ୍ଲାପାଳମାନଙ୍କୁ ରିଲିଫ୍ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ସ୍ଥାନରେ ପାଣି କମୁଥିଲେ ମଧ୍ୟ ଆଗାମୀ ଦିନରେ ବର୍ଷା ବଢ଼ିବାର ଆକଳନ ଥିବାରୁ ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ଓ ପ୍ରସ୍ତୁତ ରହିବାକୁ କୁହାଯାଇଛି।

## ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

କଟକ,୧୬।୮(ମହାଭାରତ): ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଓ୍ୱାଇ.ବି ଖୁରାନିଆ ଆଜି ଚାକିରିରୁ ଅବସର ନେଇଥିବା ବେଳେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ନରେ ସେ କଟକ ସ୍ଥିତ ପୁଲିସ ମୁଖ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ଖୁରାନିଆ



ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦୁଇ ଦିନ ତଳେ ରାଜ୍ୟ ସରକାର ୧୯୯୩ ବ୍ୟାଚ ଆଇପିଏସ୍ ଅଫିସର ଶ୍ରୀ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ନିଯୁକ୍ତ କରିଥିଲେ। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗତ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି ।

# ବନ୍ୟା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷା ବାତିଲ

## ଭଦ୍ରକର ୫ ବ୍ଲକ୍, କେନ୍ଦୁଝର ଓ ମୟୂରଭଞ୍ଜରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର/ଭଦ୍ରକ/ମୟୂରଭଞ୍ଜ: ରାଜ୍ୟରେ ବନ୍ୟାସ୍ଥିତି ଓ ୧୭ ତାରିଖ (ସୋମବାର) ପ୍ରବଳ ରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲ୍ଲାରେ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବନ୍ଦ କରାଯାଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ସୋମବାର ହେବାକୁ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି।

ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ସୂଚନାନୁସାରେ, (ପତ୍ର ସଂଖ୍ୟା ୨୧୪୬) ୧୭ ତାରିଖରେ ହେବାକୁ ଥିବା ୟୁଜି (+୩), ବିଏସ୍‌ସି, ଆଇଟିଏମ୍, କମ୍ପ୍ୟୁଟର ସାଇନ୍ସ ଓ ବିଏଡ୍(ୟୁଡିଟିଇ)ର ୪ର୍ଥ ସେମିଷ୍ଟର ପରୀକ୍ଷାକୁ ବାତିଲ କରାଯାଇଛି। ଛାତ୍ର, ଅଧ୍ୟାପକ ସଦସ୍ୟ ଓ ପରୀକ୍ଷାରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଏହି ପତ୍ରରେ ଉଲ୍ଲେଖ କରାଯାଇଛି।

ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକ ଜିଲ୍ଲାର ୫ଟି ବ୍ଲକର ବିଦ୍ୟାଳୟରେ ୧୭ ତାରିଖରେ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ତା. ୧୭.୦୮.୨୦୨୬ (ସୋମବାର) ଦିନ ଜିଲ୍ଲାର ବାସୁଦେବପୁର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଗୁଡିକରେ ଛୁଟି ଘୋଷଣା କରାଯାଇଛି।

ଅଭିଭାବକମାନଙ୍କୁ ପ୍ରଶାସନକୁ ସହଯୋଗ କରିବା ସହ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଅନୁରୋଧ କରାଯାଉଛି ।ଏତଦବ୍ୟତୀତ, ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବା ସହ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ତୁରନ୍ତ ଦାୟିତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମୟୂରଭଞ୍ଜରେ ପ୍ରବଳ ବର୍ଷା ଆଶଙ୍କା ପାଇଁ ସୋମବାର ଜିଲ୍ଲାର ସମସ୍ତ ସ୍କୁଲ (୧ମରୁ ଦ୍ୱାଦଶ) ବନ୍ଦ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଘୋଷଣା କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି (୧୭ ଅଗଷ୍ଟ) କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଯୋଗୁଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଆସନ୍ତା ୫ ଦିନ ଭୀଷଣ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୬।୮(ମହାଭାରତ): ରାଜ୍ୟରୁ ବନ୍ୟା ଦୁର୍ଦ୍ଦଶା ଯାଇ ନଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହେଉଛି ପଛକୁ ପଛ ଲଘୁଚାପ। ପୁଣି ଆସୁଛି ବଡବର୍ଷା। ଏହା ଉପକୂଳ ଓ ଉତ୍ତର ଓଡିଶାବାସୀଙ୍କୁ ଆତଙ୍କିତ କରିଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡିଶା ଉପକୂଳରେ ସୃଷ୍ଟି ହୋଇଛି ଲଘୁଚାପ। ଯାହା ଅଧିକ ଘନୀଭୂତ ହେବା ସହ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ସଦୃଶ ଲଘୁଚାପ ରେ ପରିଣତ ହୋଇଛି । ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଅବପାତ ରେ ପରିଣତ ହେବାର ଖୁବ୍ ସମ୍ଭାବନା ରହିଛି ।ପ୍ରଭାବରେ ଆସନ୍ତା ୫ ଦିନ ସାରା ରାଜ୍ୟରେ ବର୍ଷା ସହ ୪୮ ଘଣ୍ଟା ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ।୨୦ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ଓଡିଶା।ଓଡିଶା ଉପକୂଳରେ ମେଘୁଆ ପାଗ ସହ ୪୦ ରୁ ୫୦ କିମି ପବନ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା କୁ ନେଇ ସମୁଦ୍ର ଆସନ୍ତା ରହିବ । ୧୮ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ,କେଉଁଝର ଜିଲ୍ଲାକୁ ଅତ୍ୟନ୍ତ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ଓ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିମି ବେଗରେ ବହିବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାକୁ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ରେଡ୍ ଆଲର୍ଟ। ସେହିପରି ଖୋର୍ଦ୍ଧା, ଜଗତସିଂହପୁର,କଟକ,କେନ୍ଦ୍ରାପଡ଼ା, ଯାଜପୁର,ଢେଙ୍କାନାଳ, ଅନୁଗୁଳ, ଦେଓଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାରେ ବିଜୁଳି ଘଡଘଡି ସହ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ପୁରୀ,ନୟାଗଡ଼, ଗଞ୍ଜାମ,ବୌଦ୍ଧ, ସୋନପୁର,ବରଗଡ଼, ବଲାଙ୍ଗୀର,ନୂଆପଡ଼ା,କନ୍ଧମାଳ ଜିଲ୍ଲା ରେ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ଓ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦ ରୁ କିମି ବେଗରେ ବହିବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ଆସନ୍ତାକାଲି ପାଇଁ ୩ ଜିଲ୍ଲାକୁ ରେଡ୍ ଆଲର୍ଟ ,୧୧ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଓ ବାକି ସମସ୍ତ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ

# ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଆଜି ସୁରକ୍ଷିତ

ଭୁବନେଶ୍ୱର,୧୬।୮(ମହାଭାରତ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ତଥା ଦେଶ ଓ ବିଦେଶରେ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା। ସ୍ୱାଧୀନ ଭାରତର ଗୌରବମୟ ଯାତ୍ରାରେ, ଆଜି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ, କେବଳ ଏକ ସଂଗ୍ରାମର କାହାଣୀ ନୁହେଁ, ଏହା ଥିଲା ରାଷ୍ଟ୍ର ଗଠନର ପ୍ରଥମ ପାହାଚ।

ମହାତ୍ମା ଗାନ୍ଧୀ'ଙ୍କ ନେତୃତ୍ୱରେ ବିଭିନ୍ନ ବିଚାରଧାରାର ସ୍ୱାଧୀନତା ସଂଗ୍ରାମୀମାନେ, ଗୋଟିଏ ମଞ୍ଚରେ ଆସି, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇଥିଲେ। 'ସତ୍ୟାଗ୍ରହ' ଓ 'ଅହିଂସା' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକ ଲମ୍ବା ଲଢେଇ ଚାଲିଥିଲା । ଏଥି ସହିତ ସମାନ୍ତରାଳ ଭାବେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଶହିଦ ଭଗତ ସିଂ'ଙ୍କ ପରି ମହାନ କ୍ରାନ୍ତିକାରୀମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। କିନ୍ତୁ, ମୋଟାମୋଟି ଭାବେ ଏହି ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ଆଧାର ଥିଲା ଅହିଂସା। ଫଳସ୍ୱରୂପ, ୮୦ ବର୍ଷ ତଳେ, ଆଜିର ଦିନରେ ଆମ ଦେଶ ସ୍ୱାଧୀନ ହୋଇଥିଲା।

ଏହି ମହାସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ୍ ସ୍ୱତନ୍ତ୍ରତା ସଂଗ୍ରାମୀ ପଣ୍ଡିତ ଜବାହାରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବାଲ ଗଙ୍ଗାଧର ତିଳକ, ବୀର୍ ସବରକର୍, ସହୀଦ ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ଡକ୍ଟର ବାବା ସାହେବ ଆମ୍ବେଦକର, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଲାଲ ବାହାଦୂର ଶାସ୍ତ୍ରୀ, ମୌଲାନା ଆଜାଦଙ୍କ ପରି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସହିତ ଲକ୍ଷ ଲକ୍ଷ ସଂଗ୍ରାମୀ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।ଦେଶର ଅନ୍ୟାନ୍ୟ ରାଜ୍ୟ ପରି ଆମ ରାଜ୍ୟ ଓଡିଶା ମାଟିର ବୀର ସନ୍ତାନମାନେ ମଧ୍ୟ, ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ସ୍ୱାଧୀନତା ଆନ୍‌ଦୋଳନରେ ଓଡିଶାର ନେତୃବୃନ୍ଦଙ୍କ ଅସୀମ ତ୍ୟାଗ ଓ ସଂଘର୍ଷ, ଓଡିଶାକୁ ଜାତୀୟ ଆନ୍‌ଦୋଳନର ମୁଖ୍ୟ ସ୍‌ରୋତରେ ସାମିଲ କରିଥିଲା । ଆଜିର ପବିତ୍ର ଦିନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ସହିଦ୍ ମାଧୋ ସିଂ, ଚକରା ବିଶୋଇ, ରେଣ୍ଡୋ ମାଝୀ, ମା' ରମାଦେବୀ, ମା' ମାଳତୀ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ମା' ପାର୍ବତୀ ଗିରି ଓ ସରଳା ଦେବୀଙ୍କ ପରି ମହାନୁଭବଙ୍କ ବଳିଦାନକୁ ମନେ ପକାଇ, ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆପଣମାନେ ଜାଣିଛନ୍ତି ୧୮୫୭ ମସିହାର ସିପାହୀ ବିଦ୍‌ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ, ୧୮୧୭ ମସିହାରେ ଓଡିଶା ମାଟିରୁ ଆରମ୍ଭ ହୋଇଥିଲା ପାଇକ ବିଦ୍‌ରୋହ। ଏହି ବିଦ୍‌ରୋହର ପୁରୋଧା ସାଜିଥିବା ମହାନାୟକ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କ ପରି ମହାନ୍ ଦେଶପ୍ରେମୀ ଓ ବୀର ଯୋଦ୍ଧାଙ୍କ ପ୍ରତି ମୋର ଭକ୍ତିପୂତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଓଡିଶାର ଜନ ଆନ୍‌ଦୋଳନ ବିନା, ସ୍ୱାଧୀନତା ସଂଗ୍ରାମର କାହାଣୀ ଅକଳ୍ପନୀୟ। ରକ୍ତତୀର୍ଥ ଇରମ୍ , ଘୁମୁସର ବିଦ୍‌ରୋହ, ପ୍ରଜାମଣ୍ଡଳ ସଂଗ୍ରାମ, କନ୍ଧ ବିଦ୍‌ରୋହ, ସମ୍ବଲପୁର ବିଦ୍‌ରୋହ, କେନ୍ଦୁଝରର ଭୂୟାଁ ବିଦ୍‌ରୋହ, କୋରାପୁଟର ଆଦିବାସୀ ବିଦ୍‌ରୋହ ଆଦି, ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଶାଣିତ କରିଥିଲା।



ଏହି ସମସ୍ତ ଜନଜାତି ଆନ୍‌ଦୋଳନକାରୀ ମାନଙ୍କ ବୀରତ୍ୱ ଓ ବଳିଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଏ ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିଥିବା ପ୍ରତିରକ୍ଷା ବାହିନୀ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀର ବୀର ଯବାନ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସ୍ୱାଧୀନତା ସଂଗ୍ରାମକୁ କାଶ୍ମୀର'ରୁ କନ୍ୟାକୁମାରୀ, ଗୁଜୁରାଟ'ରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବାନ୍ଧିଥିଲା, ଆମ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ଏବଂ ଆମ ଜାତୀୟ ପତାକା 'ତ୍ରିରଙ୍ଗା'। ଆଜି ପୁଣିଥରେ ବନ୍ଦେ ମାତରମ୍ ଏବଂ ତ୍ରିରଙ୍ଗାକୁ ଘରେ ଘରେ ପହଞ୍ଚାଇବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ତାହା ଆଜି ଭାରତୀୟମାନଙ୍କ ମନରେ ଦେଶପ୍ରେମର ବହ୍ନିକୁ ପୁନଃ ପ୍ରଜ୍ୱଳନ କରିଛି। ଆଜି ଆମ ଦେଶ ସ୍ୱାଧୀନତାର ୭୯ ବର୍ଷ ଅତିକ୍ରାନ୍ତ କରି ୮୦ ବର୍ଷରେ ପହଞ୍ଚିଛି। ଏହି ୮୦ ବର୍ଷରେ ଭାରତ ତା'ର ବିକାଶ ଯାତ୍ରାରେ ଅଗ୍ରସର ହୋଇ ଆଜି ବିଶ୍ୱର ଏକ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି ।

ଗତ ଏକବର୍ଷ ଥିଲା ଅତ୍ୟନ୍ତ ଘଟଣା ବହୁଳ। ଭାରତ ଉଭୟ ଆଭ୍ୟନ୍ତରୀଣ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ମାନନୀୟ ପ୍ରଧାନମନ୍ତ୍ରୀ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନେଇ, ଦେଶର ଆର୍ଥିକ ସ୍ଥିତିକୁ ସୁରକ୍ଷିତ ରଖିବା ସହିତ ମଜବୁତ୍ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଦେଶର ବିକାଶ ସବୁଠାରୁ ବଡ ଆହ୍ୱାନ ଥିଲା। ସବୁ ସରକାର ନିଜ ସାଧ୍ୟ ଓ ସାମର୍ଥ୍ୟ ମୁତାବକ ଦେଶର ବିକାଶ ପାଇଁ ସେମାନଙ୍କର ଅବଦାନ ଦେଇଥିଲେ। କିନ୍ତୁ, ସ୍ୱାଧୀନତାର ଅଠଷଠି ବର୍ଷରେ ବିକାଶର ଗତି ଯେତେ ଆଶାନୁରୂପ ହେବା କଥା, ତାହା ହୋଇ ପାରି ନ ଥିଲା। କିନ୍ତୁ, ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀ ଦେଶର ଶାସନ ଭାର ସମ୍ଭାଳିବା ପରେ, ନୂତନ ଭାରତର ନିର୍ମାଣ ଯଥାର୍ଥରେ ଆରମ୍ଭ ହୋଇଥିଲା। ୨୦୧୪ ମସିହାର ସ୍ୱାଧୀନତା ଦିବସ ସମ୍ବୋଧନରେ 'ସ୍ୱଚ୍ଛ ଭାରତ'ର ନାରାରୁ ଆରମ୍ଭ ହୋଇଥିଲା ନୂତନ ଭାରତର ନିର୍ମାଣ। ଏହି ବାର ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ଦୂରଦର୍ଶୀ ନିଷ୍ପତ୍ତି ନେଇ ଦେଶକୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ, ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ସେ ପ୍ରତିଷ୍ଠିତ କରିଛନ୍ତି।

ଆଜିର ଭାରତ ହେଉଛି ଆତ୍ମବିଶ୍ୱାସ, ଆତ୍ମନିର୍ଭର ଓ ଆତ୍ମସମ୍ମାନରେ ଭରା ଭାରତ। ଆମ ଦେଶର ଆତ୍ମା ହେଉଛନ୍ତି ଆମ ଦେଶର ନାଗରିକ। ସେମାନେ ତାଙ୍କର ଛୋଟ ଛୋଟ ସମସ୍ୟାର ଆଶୁ ନିରାକରଣ ଚାହାନ୍ତି। ଯାହାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଜୀ ପୂରଣ କରିବାରେ ସହାୟକ ହୋଇପାରିଛନ୍ତି ।

ଆଉ ଆଗ ପରି ରନ୍ଧନ ଗ୍ୟାସ ଏକ ବିଳାସ ପୂର୍ଣ୍ଣ ସାମଗ୍ରୀ ହୋଇ ରହିନାହିଁ, କି ଗ୍ୟାସ ପାଇବା ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁ ନାହିଁ। ଆଜି ଦେଶର ଗରିବଙ୍କ ପାଖରେ ବ୍ୟାଙ୍କ ଖାତା ଅଛି, ଯେଉଁଥିରେ ବିନା ଲାଞ୍ଚ ଦେଇ ନିଜର ନ୍ୟାଯ୍ୟ ପ୍ରାପ୍ୟ ସରକାରଙ୍କ ଠାରୁ ପାଉଛନ୍ତି। ମାନନୀୟ ମୋଦୀଜୀଙ୍କ ଦୂରଦର୍ଶୀ ନୀତିର ସଫଳ ରୂପାୟନ ଯୋଗୁଁ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସେବା ପାଇବା ଏବେ ଆଉ ସ୍ୱପ୍ନ ନୁହେଁ, ଏହା ଆଜି ବାସ୍ତବତାରେ ପରିଣତ ହୋଇଛି।

ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଆଜି ସୁରକ୍ଷିତ। ବାଲାକୋଟ ଏୟାର ଷ୍ଟ୍ରାଇକ୍ ଓ 'ଅପରେସନ ସିନ୍ଦୁର' ଏହାର ଜୀବନ୍ତ ପ୍ରମାଣ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଯୋଗୁ ଏହା ସମ୍ଭବ ହୋଇଥିଲା। ଦେଶରେ ନିର୍ମିତ ହେଉଥିବା ଅଗ୍ନି, ବ୍ରହ୍ମୋସ୍, ଆକାଶ, ଡ୍ରୋନ୍ ପରି ବିଭିନ୍ନ ଅସ୍ତ୍ରଶସ୍ତ୍ର ବାହ୍ୟ ଶତ୍ରୁଙ୍କ ମନରେ ଭୟ ସଂଚାର କରିପାରିଛି ।ଆପଣମାନେ ଜାଣିଥିବେ, କିଛିଦିନ ତଳେ ଭାରତର ଜେନ୍-ଜି ବର୍ଗର ବୈଜ୍ଞାନିକମାନେ ନିଜସ୍ୱ ଜ୍ଞାନ କୌଶଳରେ, ପ୍ରଥମ ପ୍ରଚେଷ୍ଟାରେ ହିଁ ସଫଳତାର ସହିତ ରକେଟ୍ ଉତ୍‌କ୍ଷେପଣ କରି ଇତିହାସ ରଚିଛନ୍ତି ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହାର ଅର୍ଥ ହେଉଛି ଭାରତର ସାଧାରଣ ଲୋକ, ବିଶେଷକରି ଭାରତର ଯୁବଶକ୍ତି ପାଖରେ ଯେଉଁ ଶକ୍ତି ଓ ସାମର୍ଥ୍ୟ ଅଛି, ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଦୃଢ ଓ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ତାହାର ପୂର୍ଣ୍ଣ ଉପଯୋଗ ହେଉଛି । ଆମର ଯୁବଶକ୍ତି ହିଁ, ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ଦିଗରେ ମୁଖ୍ୟ ଯୋଦ୍ଧା ଭାବେ ନିଜକୁ ସାମିଲ କରିଛନ୍ତି ।

ଗତ ବାର ବର୍ଷରେ ମୋଦୀଜୀଙ୍କ ନେତୃତ୍ୱରେ, ଦେଶ ଅନେକ ସଫଳତା ହାସଲ କରିଛି। କିନ୍ତୁ, ଏକ ଉଲ୍ଲେଖନୀୟ ସଫଳତା ହେଉଛି ରେଡ୍ ଟେରର୍'ର ପରିସମାପ୍ତି। ବାର ବର୍ଷ ତଳେ ଦେଶର ପ୍ରାୟ ଏକ ଚତୁର୍ଥାଂଶ ଜିଲ୍ଲା ଏହି ନକ୍ସଲ ଓ ମାଓ ହିଂସାରେ କବଳିତ ଥିଲା। କିନ୍ତୁ, ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଜୀଙ୍କ ସଠିକ୍ ମାର୍ଗଦର୍ଶନ ଏବଂ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହାଜୀଙ୍କ ଦକ୍ଷ ପରିଚାଳନା ଯୋଗୁଁ ଆଜି ରେଡ୍ ଟେରର୍ ଇତିହାସ ପାଲଟିଛି। ଏହି ପଦକ୍ଷେପର, ସୁଫଳର ଏକ ବଡ ଅଂଶୀଦାର ହୋଇଛି, ଆମ ରାଜ୍ୟ ଓଡିଶା ।କାରଣ, ଆମ ରାଜ୍ୟର ପ୍ରାୟ ଅଧା ଅଞ୍ଚଳ ଏହି ରେଡ୍ ଟେରର୍'ରେ ପ୍ରଭାବିତ ଥିଲା। ଗତ ମାର୍ଚ୍ଚ ୩୧ ତାରିଖରେ ଏହା ସମାପ୍ତ ହେବା ପରେ ସେହି ଜିଲ୍ଲା ଗୁଡିକରେ ବନ୍ଦ ହୋଇଥିବା ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଲା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ


ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

# ବକ୍ସ ଅଫିସରେ 'ଆୱାରାପନ୍ ୨'ର ଧମାକା




ବଲିଉଡ୍ ଅଭିନେତା ଇମ୍ରାନ୍ ହାଶମୀଙ୍କ ନୂଆ ଫିଲ୍ମ 'ଆୱାରାପନ୍ ୨' ବକ୍ସ ଅଫିସରେ ଧମାକାଦାର ପ୍ରଦର୍ଶନ ଜାରି

ରଖିଛି। ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରଠାରୁ ଦର୍ଶକ ଏବଂ ସମୀକ୍ଷକଙ୍କ ଠାରୁ ଏହାକୁ ବେଶ୍ ଭଲ ପ୍ରତିକ୍ରିୟା ମିଳୁଛି ।ଦ୍ୱିତୀୟ ଦିନରେ ଫିଲ୍ମର ରୋଜଗାରରେ ୫୩.୪% ଅଭିବୃଦ୍ଧି ଦେଖିବାକୁ ମିଳିଛିୟ ଶନିବାର (ଦ୍ୱିତୀୟ ଦିନ) ଫିଲ୍ମଟି ୩୪.୦୯ କୋଟି ଟଙ୍କାର ବ୍ୟବସାୟ କରିବା ସହ ଭାରତରେ ଏହାର ମୋଟ ନେଟ୍ କଲେକ୍ସନ୍ ୫୭.୪୯ କୋଟି ଟଙ୍କାରେ ପହଞ୍ଚିଛି । ଇମ୍ରାନ୍ ହାଶମୀଙ୍କ ୩ୟ ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ମାତ୍ର ଦୁଇ ଦିନର ରୋଜଗାର ସହ 'ଆୱାରାପନ୍ ୨', ଇମ୍ରାନ୍ ହାଶମୀଙ୍କ କ୍ୟାରିୟରର ତୃତୀୟ ସବୁଠାରୁ ଅଧିକ ରୋଜଗାର କରିଥିବା ଫିଲ୍ମ (ମୁଖ୍ୟ ଭୂମିକାରେ) ସାବ୍ୟସ୍ତ ହୋଇଛି । ଏହି ମାମଲାରେ ଏହା ଅଜୟ ଦେବଗନ୍‌ଙ୍କ ସହ ଥିବା ତାଙ୍କ ଫିଲ୍ମ 'ୱାନ୍ସ ଅପନ୍ ଏ ଟାଇମ୍ ଇନ୍ ମୁମ୍ବାଇ' (୫୫.୪୭ କୋଟି) ର ରେକର୍ଡ ଭାଙ୍ଗିଛି । ସ୍ୱାଧୀନତା ଦିବସ ଅବସରରେ ରିଲିଜ୍ ହୋଇ ବକ୍ସ ଅଫିସରେ ବମ୍ପର କଲେକ୍ସନ୍ କରିବାରେ 'ଆୱାରାପନ୍ ୨' ୫ମ ସ୍ଥାନରେ ରହିଛି । ଏହି କ୍ରମରେ ଏହା ସଲମାନ୍ ଖାନ୍‌ଙ୍କ ହିଟ୍ ଫିଲ୍ମ 'ଏକ୍ ଥା ଟାଇଗର୍' (୩୨.୯୩ କୋଟି) ର ଦିନିକିଆ ରେକର୍ଡକୁ ମଧ୍ୟ ଟପିଯାଇଛି ।ଉଲ୍ଲେଖ ଥାଉ କି ଏହି ଫିଲ୍ମରେ ମୁଖ୍ୟ କଳାକାର ଭାବରେ ଇମ୍ରାନ୍ ହାଶମୀ ଏବଂ ଦିଶା ପାଟନୀ ଅଭିନୟ କରିଥିବାବେଳେ ନିତିନ୍ କକ୍କଡ଼ ନିର୍ଦ୍ଦେଶନା ଦେଇଛନ୍ତି ୨୦୦୭ ମସିହାରେ ଆସିଥିବା ସୁପରହିଟ୍ ଫିଲ୍ମ 'ଆୱାରାପନ୍'ର ଏହା ହେଉଛି ସିକ୍ୱେଲ୍ । ରୋମାନ୍ସ ଏବଂ ଜବରଦସ୍ତ ଆକ୍ସନରେ ଭରପୂର ଏହି ଫିଲ୍ମକୁ ଦର୍ଶକ ମନଭରି ଉପଭୋଗ କରୁଛନ୍ତ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ




ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ ।

କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମଧ୍ୟ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ୍ୟ ଏକ ପାର୍ଶ୍ୱରେ ଶିବ ତ୍ରୀଶୁଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—




"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା। ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୁଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

# ଅଧର୍ମୀଙ୍କୁ ବିନାଶ କରି ଧର୍ମ ପ୍ରତିଷ୍ଠା

ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧମାଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ୍ୟ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ



ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତି ଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଧର୍ମଯୁଦ୍ଧରେ ଅଧର୍ମୀଙ୍କ ପରାଜୟ ହେଲା। ଯୁଧିଷ୍ଠିର ଧର୍ମରାଜ୍ୟ ସ୍ଥାପନ କଲେ । ଶ୍ରୀକୃଷ୍ଣ ନିଃସନ୍ଦେହରେ ଧର୍ମଗୁରୁ ଥିଲେ। ସେ ଧର୍ମତତ୍ତ୍ୱ ଜ୍ଞାନ ସାରା ସଂସାରକୁ ଦେଇଗଲେ। ଧର୍ମପଥରେ ଚାଲିବାର ପ୍ରେରଣା ପ୍ରଦାନ କରି ସେ ମାନବ ଜଗତର ଉଦ୍ଧାର କରିଥିଲେ ।

# ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଂଜଳି



ଭୁବନେଶ୍ୱର,୧୬।୮ (ମହାଭାରତ): ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ। ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ରାଜ୍ୟପାଳ କହିଛନ୍ତି ଯେ, ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ସୃଜନଶୀଳତା, ଜାତିପ୍ରୀତି ଓ ମାତୃଭାଷା ପ୍ରତି ଗଭୀର ମମତା ଆମ ସମସ୍ତଙ୍କ ପାଇଁ ଚିର ପ୍ରେରଣାର ଉତ୍ସ ହୋଇ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ଓଡ଼ିଆ ଭାଷାର ଅନ୍ୟତମ କର୍ଣ୍ଣଧାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ । ତାଙ୍କ କାବ୍ୟସାଧନା ଓ ମାନବିକ ଚେତନା ଓଡ଼ିଆ ସାହିତ୍ୟକୁ ଅମୂଲ୍ୟ ଐଶ୍ୱର୍ଯ୍ୟ ପ୍ରଦାନ କରିଛି । ତାଙ୍କ କାଳଜୟୀ କୃତିମାନ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ । ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କର ଅମର ଆତ୍ମା ନିକଟରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି। 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ' ଓ 'ଇନ୍ଦୁମତୀ' ଭଳି ତାଙ୍କର କାବ୍ୟ ସୃଷ୍ଟି ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିବା ସହ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ସ୍ୱାଭିମାନ ଓ ସଂସ୍କାର ଜାଗ୍ରତ କରିଛି। ତାଙ୍କର ଏହି ପ୍ରେରଣାଦାୟୀ ସାହିତ୍ୟିକ ସାଧନା ପିଢ଼ି ପରେ ପିଢ଼ି ପାଇଁ ଆଲୋକବର୍ତ୍ତିକା ହୋଇ ସଦା ସର୍ବଦା ମାର୍ଗଦର୍ଶନ କରୁଥିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ବିନମ୍ର ପ୍ରଣାମ। ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ କାବ୍ୟସାଧନାରେ ସମୃଦ୍ଧ କରିବା ସହ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନରେ ତାଙ୍କର ଅବଦାନ ଚିରସ୍ମରଣୀୟ । ତାଙ୍କ କାଳଜୟୀ କୃତି, ଓଡ଼ିଆ ଭାଷା ପ୍ରତି ନିଷ୍ଠା ଓ ମାନବିକ ଚିନ୍ତାଧାରା ଆଜି ବି ଆମକୁ ପ୍ରେରଣା ଦେଇ ଚାଲିଛି । ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା ସାରସ୍ୱତ ସାଧକ 'ସ୍ୱଭାବ କବି' ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି।

# ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର,୧୬।୮ (ମହାଭାରତ): ଭୁବନେଶ୍ୱରସ୍ଥିତ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ରବିବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ପାଳନ ସମାରୋହରେ ଆଇନ ତଥା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦେଶମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ସ୍ୱାଧୀନତା ଆମ ପାଇଁ କେବଳ ଏକ ଐତିହାସିକ ଉପଲବ୍ଧି ନୁହେଁ,ଏହା ଅସଂଖ୍ୟ ଦେଶପ୍ରେମୀଙ୍କ ତ୍ୟାଗ, ସଂଘର୍ଷ, ତପସ୍ୟା ଓ ବଳିଦାନର ଅମୂଲ୍ୟ ପରିଣତି।ରାଜ୍ୟର ଗର୍ବ, ଗୌରବ ଓ ଅସ୍ମିତାର ପ୍ରତୀକ ଏହି ମହାନ ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଆମ ସରକାରଙ୍କ ନୈତିକ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଦେଶର ଅନେକ ମହାପୁରୁଷ ଓ ବରପୁତ୍ରଙ୍କ ଅବଦାନକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଯଥୋଚିତ ସମ୍ମାନ ଦେବାର ନିରନ୍ତର ପ୍ରୟାସ ହେଉଛି।ଏହା ଆମ ଐତିହ୍ୟକୁ ସମ୍ମାନ ଦେବା ସହ ଆଗାମୀ ପିଢ଼ିକୁ ଦେଶପ୍ରେମ ଓ ତ୍ୟାଗର ମହତ୍ୱ ବୁଝାଇବାର ଏକ ମହତ୍ୱପୂର୍ଣ୍ଣ ପ୍ରୟାସ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତାର ଭାବନାକୁ ଆହୁରି ସୁଦୃଢ଼ କରି ରାଜ୍ୟ ସରକାର ମଧ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ ସ୍ୱାଇଁ , ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ତ୍ରିପାଠୀ,ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା କର୍ମଶାଳା

ଭୁବନେଶ୍ୱର,୧୬।୮ (ମହାଭାରତ): ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଏବଂ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ ଏହି କର୍ମଶାଳାର ଉଦ୍ ?ଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି । ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆପଣମାନେ ହେଉଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ତଥା ନ୍ୟାୟପାଳିକାର ଗୋଟିଏ ଗୋଟିଏ ଅଂଶସ୍ୱରୂପ । ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହିତ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ । ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତାର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, ଏଭିଡେନ୍ସ , କ୍ରସ୍ ଏକଜାମିନେସନ୍ ଏବଂ ଓରାଲ ଆର୍ଗୁମେଂଟର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହିତ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ପିତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନି ମାମଲା ପରିଚାଳନା ଉପରେ ନିଜର ମତ ରଖିଥିଲେ। ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେବା ସହ ଆଇନ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ, ଆଇନଜୀବୀଙ୍କ ଲାଗି ହୋଇଥିବା କଲ୍ୟାଣକାରୀ ଯୋଜନା ଏବଂ କର୍ମଶାଳାର ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରିଥିଲେ।

# ଶଙ୍ଖ ଭବନରେ ବିଶ୍ୱ ଆଦିମ ଜନଜାତି ଦିବସ



ଭୁବନେଶ୍ୱର,୧୬।୮ (ମହାଭାରତ): ଶଙ୍ଖ ଭବନରେ ରବିବାର ଦିନ ବିଶ୍ୱ ଆଦିମ ଜନଜାତି ଦିବସ ପାଳିତ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ଜନଜାତି ବର୍ଗ ର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉଚ୍ଚ ଶିକ୍ଷା ଠାରୁ ଆରମ୍ଭ କରି ସେମାନଙ୍କ ଜୀବନ ଜୀବିକା ଆଦି ବିଭିନ୍ନ କ୍ଷେତ୍ର ର ବିକାଶ କରି ସେମାନଙ୍କୁ ସଶକ୍ତ କରିବାକୁ ପଦକ୍ଷେପ ନେଇଥିଲା। ବିଜୁ ଜନତା ଦଳ କୁ ଜନଜାତି ଭାଇ ଭଉଣୀ ମାନଙ୍କ ର ଶ୍ରେଷ୍ଠ ବନ୍ଧୁ ଭାବରେ ଅବିହିତ କରି ଶ୍ରୀ ପଟ୍ଟ ନାୟକ କହିଥିଲେ ଯେ ତାଙ୍କ ସରକାର ସମୟରେ ପଂଚାୟତ କୁ ଜଙ୍ଗଲ ଜାତ ଦ୍ରବ୍ୟ ର ସଂଗ୍ରହ ଅଧିକାର । ହଜାର ହଜାର ହଷ୍ଟେଲ , ଉଚ୍ଚ ଶିକ୍ଷା ପାଇଁ ଅନ୍ୱେଷା କାର୍ଯ୍ୟକ୍ରମ, ଜଙ୍ଗଲ ଜମି ଅଧିକାର ଆଦି ଜନଜାତି ଭାଇ ଭଉଣୀଙ୍କୁ ବିକାଶ ସହ ଯୋଡି ପାରିଥିଲା । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଅଧିକାର ଓ ସେମାନଙ୍କ ସଂସ୍କୃତି ର ସୁରକ୍ଷା ପାଇଁ ବିଜେଡି ସବୁବେଳ ସେମାନଙ୍କ ସହ ଦୃଢ଼ ଭାବରେ ରହି ଆସିଛି। ବିଜେଡି ସରକାର ସମୟ ରେ ଆରମ୍ଭ ହୋଇଥିବା ସ୍ପେଶାଲ ଡେଭଲପମେଂଟ କାଉନସିଲ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟ ନାୟକ କହିଥିଲେ ଯେ ଆଦିବାସୀ କଳା ଓ ସଂସ୍କୃତି ର ସୁରକ୍ଷା ପାଇଁ ଏହା ଥିଲା ଏକ ଅନନ୍ୟ ପଦକ୍ଷେପ।

୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀମାନଙ୍କୁ ବିକାଶରେ ସମାନ ଭାଗୀଦାର କରିଛି। ସେମାନେ ସେମାନଙ୍କର ଜୀବିକା ନିର୍ବାହରେ ଉନ୍ନତି ଆଣିବା ସହିତ ସେମାନଙ୍କର ପବିତ୍ର ସ୍ଥଳ, କଳା, ହସ୍ତଶିଳ୍ପ, ସଙ୍ଗୀତ ଏବଂ ପରମ୍ପରାକୁ ସଂରକ୍ଷଣ କରିବାରେ କର୍ତ୍ତା ପାଲଟିଛନ୍ତି। ଜନଜାତି ଭାଇ ଭଉଣୀ ମାନଙ୍କୁ ସଶକ୍ତ କରି ସମ୍ମାନ ର ସହ ସେମାନଙ୍କ ନିଜ ମାଟିରେ୍ବାସ କରିବା ର ସୁଯୋଗ ସୃଷ୍ଟି କରିବା ଥିଲା ବିଜେଡି ସରକାର ର ନୀତି। ବିଜେଡି ସରକାର ସମୟରେ ୧୬୯ ଜନଜାତି ଗୋଷ୍ଠୀକୁ ଏସଟି ତାଲିକା ରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିବା ସହ ଏ ଦାବୀ ହାସଲ ପାଇଁ ଉଦ୍ୟମ ଜାରି ରହିବ ବୋଲି ଘୋଷଣା କରିଥିଲେ। ଶ୍ରୀ ପଟ୍ଟ ନାୟକ କହିଥିଲେ ଜନଜାତି ଭାଇ ଭଉଣୀ ମାନଙ୍କ ସଶକ୍ତିକରଣ କେବଳ ଏକ ପ୍ରତିଶ୍ରୁତି ନ ଥିଲା ବିଜେଡି ସରକାର ର ସବୁ ସବୁ ଜନଜାତି ବିକାଶ କାର୍ଯ୍ୟକ୍ରମ ର ଏହା ଥିଲା କେନ୍ଦ୍ର ବିନ୍ଦୁ। ଜନଜାତି ଭାଇ ଭଉଣୀ ମାନଙ୍କ ଜ୍ଞାନ କୁ ସମ୍ମାନ ଦେବାସହ ସେମାନଙ୍କ ସଂସ୍କୃତି ର ସୁରକ୍ଷା ପାଇଁ ନିଷ୍ଠାପର ଭାବରେ କାମ କରିବା ପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟ ରେ ଦଳ ର ନେତୃ ଗଣ ଓ ଜନଜାତି ବର୍ଗ ର ବନ୍ଧୁମାନେ ଉପସ୍ଥିତ ଥିଲେ

# ହିମାଳୟ 'ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍' ପ୍ରଚଳନ

ଭୁବନେଶ୍ୱର,୧୬।୮ (ମହାଭାରତ): ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବେବି କେୟାର୍ (ଶିଶୁ ଯତ୍ନକାରୀ) ବ୍ରାଣ୍ଡ୍ ହିମାଳୟ ବେବିକେୟାର୍ ତାହାର ନୂତନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍ ନିମନ୍ତେ ଏକ ନୂତନ ଏଆଇ ଆଧାରିତ ଡିଭିସି ଶୁଭାରମ୍ଭ କରିଛି, ଯାହା ପ୍ରଯୁକ୍ତି ଭିତ୍ତିକ କାହାଣୀ କଥନ, ସାଂସ୍କୃତିକ ପ୍ରାସଙ୍ଗିକତା ଏବଂ ଅଗ୍ରଣୀ ଉତ୍ପାଦ ଅବସ୍ଥିତିର ସମ୍ମିଶ୍ରଣ ଜରିଆରେ ପରିବର୍ତ୍ତନଶୀଳ ନବଜାତକ ଉପହାର ବର୍ଗରେ ନିଜର ଉପସ୍ଥିତିକୁ ସୁଦୃଢ଼ କରୁଛି। ନବଜାତକମାନଙ୍କୁ ଉପହାର ଦେବା ଭାରତୀୟ ପରିବାରଗୁଡିକରେ ଗଭୀର ଭାବରେ ଭାବପ୍ରବଣ ଏବଂ ପ୍ରତୀକାତ୍ମକ ବୋଲି ଅନ୍ତର୍ଦୃଷ୍ଟିକୁ ନେଇ ପରିକଳ୍ପନା କରାଯାଇଥିବା ଏହି ପ୍ରଚାର ଅଭିଯାନ ଏକ ଆଧୁନିକ ପ୍ରଚକ୍ଷୁ ଜରିଆରେ ପାରମ୍ପରିକ ଶିଶୁ ଉପହାର ପ୍ରଦାନ ବ୍ୟବସ୍ଥାକୁ ପୁନଃ ରୂପାୟିତ କରୁଛି। ଏହି ପ୍ରଚାର ଅଭିଯାନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍‌କୁ ଆଧୁନିକ ପରିବାରଗୁଡିକ ଆବଶ୍ୟକ କରୁଥିବା ବିଶ୍ୱସନୀୟ, କୋମଳ ଏବଂ ଅର୍ଥପୂର୍ଣ୍ଣ ଶିଶୁ ଯତ୍ନକାରୀ ଉପହାର ଭାବରେ ଏକ ଚିନ୍ତନଶୀଳ ଏବଂ ଅଗ୍ରଣୀ ଉପହାର ସମାଧାନ ଆକାରରେ ଉପସ୍ଥାପିତ କରୁଛି। ସାମ୍ପ୍ରତିକ ସମୟରେ ନବଜାତକକୁ ଉପହାର ଦେବା କିଭଳି ଅଧିକରୁ ଅଧିକ ବ୍ୟବହାର୍ଯ୍ୟ ଆଧାରିତ କ୍ରୟର ଊର୍ଦ୍ଧ୍ୱକୁ ଯାଇ ଯତ୍ନ, ଭାବପ୍ରବଣତା ଏବଂ ସଚେତନ ଅଭିଭାବକତ୍ୱର ସମ୍ପ୍ରସାରଣ ହୋଇଛି, ତାହା ପ୍ରଦର୍ଶିତ କରୁଛି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଯୁବ କଂଗ୍ରେସର ଶୋଭାଯାତ୍ରା



ଭୁବନେଶ୍ୱର,୧୬।୮ (ମହାଭାରତ): ପ୍ରଶ୍ନପତ୍ର ପ୍ରଘଟ ଓ ସରକାରୀ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନ ଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଯାଇଥିଲା । ହଜାର ହଜାର ଯୁବ କଂଗ୍ରେସ କର୍ମୀମାନେ ମଶାଲ ଧରି ଜନପଥରେ ସରକାରଙ୍କ ବିପର୍ଯ୍ୟସ୍ତ ଶିକ୍ଷାନୀତି ବିରୁଦ୍ଧରେ ସ୍ଲୋଗାନ ଦେଇ ରାଲି କରିଥିଲେ। ଏହି ଶୋଭାଯାତ୍ରାରେ ଯୋଗଦେଇ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୁଦ୍ଧରେ ଆଜିର ଶୋଭାଯାତ୍ରା ଅଭିପ୍ରେତ । ଜନନାୟକ ରାହୁଲ ଗାନ୍ଧୀ ଦେଶର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ଏବଂ ସେମାନଙ୍କୁ ସରକାର କିପରି ଶୋଷଣ କରୁଛନ୍ତି ସେ ବାବଦରେ ପ୍ରାଞ୍ଜଳ ଭାବରେ ପ୍ରକାଶ କରିଛନ୍ତି । ଦିଲ୍ଲୀରେ ଯୁବକ ଓ ଛାତ୍ରମାନଙ୍କର ଆନ୍ଦୋଳନ ନିଆଁ ସାରା ଦେଶକୁ ବ୍ୟାପିଛି । ମୋଦୀ ସରକାର ଏହାକୁ ଲାଠି, ଟିୟର ଗ୍ୟାସ, ରବର ବୁଲେଟ ଓ ଗୁଳିମାରି ଚପାଇ ଦେଇପାରିବେ ନାହିଁ । ଛାତ୍ର ଓ ଯୁବକମାନଙ୍କର ଶାଣିତ ପ୍ରତିବାଦକୁ ରାହୁଲ ଗାନ୍ଧୀଙ୍କର ପୂର୍ଣ୍ଣ ସମର୍ଥନ ରହିଛି। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ କହିଲେ ଯେ, ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇପଡିଛି । ଯେତେବେଳେ ସାରାଦେଶରେ ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟକୁ ନେଇ ଆଲୋଡନ ସୃଷ୍ଟି ହୋଇଥିଲା ସେହି ସମୟରେ ଓଡ଼ିଶାରେ ମଧ ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେଲା । ତେଣୁ ପ୍ରଶ୍ନପତ୍ର ପ୍ରଘଟ ରୋକିବାରେ ସରକାର ଆଦୌ ସମର୍ଥନ ନୁହଁନ୍ତି ଏବଂ ଏଥିପ୍ରତି ସରକାର ଉଦାସୀନ ମଧ ରହିଛନ୍ତି । ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ପାଇଁ ସରକାର ଦୋଷ ଦେଉନାହାନ୍ତି । ଏ ସରକାର ଛାତ୍ରଛାତ୍ରୀ ବିରୋଧି ସରକାର । ଏ ସରକାରକୁ ହଟାଇବା ପାଇଁ ଉଭୟ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ପ୍ରତିବାଦ ଶାଣିତ ହେବା ଦରକାର। ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ପ୍ରଭାରୀ ଶ୍ରୀ ଲାଲଜୀ ଭାଇ ଦେଶାଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜନନାୟକ ରାହୁଲ ଗାନ୍ଧୀଙ୍କର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତି ରହିଥିବା ଆବେଗ ଉପରେ ଆଲୋକପାତ କରିଥିଲେ। ସରକାରୀ ସ୍କୁଲ କଲେଜରେ ପାନୀୟଜଳ ବ୍ୟବସ୍ଥା, ଭିଲିଭୂମି, କମ୍ପ୍ୟୁଟର ଶିକ୍ଷା, ଖେଳ ପଡିଆ, ଶୌଚାଳୟ ଏବଂ ବିଜୁଳି ବ୍ୟବସ୍ଥା ଅତି ନୈରାଶ୍ୟଜନକ ସ୍ଥିତିରେ ଅଛି । ସୁତରାଂ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯାଉଛି। କାର୍ଯ୍ୟକ୍ରମରେ ଅଖିଳ ଭାରତର ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖଅଂଶ ଗ୍ରହଣ କରିଥିଲେ।

# ଶିକ୍ଷକ ଦାବି ଦିବସ

ଭୁବନେଶ୍ୱର,୧୬।୮ (ମହାଭାରତ): ରାଜ୍ୟର ସ୍କୁଲ କଲେଜ ଓ ଶିକ୍ଷକ କର୍ମଚାରୀମାନଙ୍କର ନ୍ୟାୟ ସଂଗତ ଦାବି ପୂରଣ ନହେଲେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବ୍ୟାନରରେ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବିଦିବସରେ ରାଜଧାନୀର ରାଜରାସ୍ତାରେ ଏକ ବିଶାଳ ଶିକ୍ଷକ ସମାବେଶ ଓ ଅହୋରାତ୍ର ଗଣଧାରଣା ସଂଗଠିତ କରିବାକୁ ଯାଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଜଣାଇଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ, ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ଖାଲି ପଡ଼ିଥିବା ପଦବୀ ଗୁଡ଼ିକରେ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ସରକାରୀକରଣ କ୍ଷେତ୍ରରେ ସରକାରଙ୍କ ଅହେତୁକ ବିଳମ୍ବର ପ୍ରତିବାଦରେ ଏ ସମାବେଶ ଅନୁଷ୍ଠିତ ହେଉଛି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥାନୁସାରେ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା, ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା।

# ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର,୧୬।୮ (ମହାଭାରତ): ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି ଭୁବନେଶ୍ୱରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଲୋକଙ୍କ ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥିନିକ୍ ଡ୍ରେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୧୪ – ୨୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀ ଓଡ଼ିଆ ଅଭିନେତ୍ରୀ ଜୟା ବିଶ୍ୱାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି।

ବିଭିନ୍ନ ରାଜ୍ୟର ବୁଣାକାରମାନେ ଚଳିତ ବର୍ଷର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ଯେଉଁଥିରେ ଆକର୍ଷଣୀୟ ଉପ୍ପଦା, ବନାରସି ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜାମ୍‌ଦାନି, ଜମାୱାର ଓ ସମ୍ବଲପୁରୀ ଆଦି ସାମିଲ ରହିଛି। ଏଠାରେ ଦେଶର ପ୍ରତ୍ୟେକ ଅଂଚଳରୁ ଶାଢ଼ୀଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢ଼ୀ, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲାରୀ,ହୋମ୍ ଫର୍ଣ୍ଣସିଙ୍ଗ୍ ଡିଜାଇନର୍ ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡିଶା, ଛତିଶଗଡ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ଏବଂ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡ଼ିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦,୦୦୦ରୁ ଅଧିକ ବିବିଧତା ପ୍ରଦର୍ଶନ କରିଛନ୍ତି। ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ, ମାନସ ଆଚାର୍ଯ୍ୟ କହିଛନ୍ତି ଯେ, "ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା।

# ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ ଧର୍ମେନ୍ଦ୍ର



ଭୁବନେଶ୍ୱର,୧୬।୮ (ମହାଭାରତ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଂଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ। ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଂଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଓଡ଼ିଆ ଜାତି ଓ ସାହିତ୍ୟକୁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପ୍ରଧାନ ନିଜର କୋରାପୁଟର କୋଟିଆ ଗସ୍ତ ଅନୁଭୂତି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, କୋଟିଆ ଗସ୍ତ ସମୟରେ ମାତୃଭାଷାରେ ଶିକ୍ଷା ପ୍ରଦାନର ଗୁରୁତ୍ୱ ଓ ଆବଶ୍ୟକତା କେତେ ଅଧିକ, ତାହା ଅନୁଭୂତ ହୋଇଥିଲା। ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ସବୁଠାରୁ ବଡ଼ ଦାୟିତ୍ୱ। ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଜିର ଯୁବସମାଜ ଆମ ଇତିହାସର ବୀର ସୁରେନ୍ଦ୍ର ସାଏ, କୁଦୋପାଲିର ସଂଗ୍ରାମ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପରି ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱଗାଥା ଏବଂ ପଦ୍ମ ବିଜେତାଙ୍କ ସାଧନାକୁ ଅନୁଧ୍ୟାନ କରିବା ଆବଶ୍ୟକ। ତେବେ ଯାଇ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ମାର୍ଗ ପ୍ରଶସ୍ତ ହେବ। ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଗୌରବମୟ ଅବସରରେ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ପ୍ରତିଭା ଭାଗବତ ପଧାନ, ଶ୍ରୀନିବାସ ଉଦଗାତା, ପଞ୍ଚାୟତ ସାହୁ, ହଳଧର ନାଗ, ଜିତେନ୍ଦ୍ର ହରିପାଲ, ମିତ୍ରଭାନୁ ଗୌନ୍ତିଆ, କୈଳାଶ ଚନ୍ଦ୍ର ମେହେର ଏବଂ ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଶ୍ରେଷ୍ଠ ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ବିଜେପିର ରଣନୀତି

ଦିଲ୍ଲୀରେ ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନ ଏବଂ ସିଜେପିର ଆହ୍ୱାନକ୍ରମେ ଛାତ୍ରମାନଙ୍କ ଆନ୍ଦୋଳନ ଯୋଗୁ କେନ୍ଦ୍ର ସରକାର ଚାପରେ ପଡ଼ିଥିଲେ। ତେଣୁ ନିଜ ସରକାରକୁ ବଞ୍ଚାଇବା ପାଇଁ, ସରକାର ତଥା ଦଳର ଭାବମୂର୍ତ୍ତୀକୁ ରକ୍ଷା କରିବା ନିମନ୍ତେ ଧର୍ମେନ୍ଦ୍ର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହା ରାଜ୍ୟ ପାଇଁ ଏକ ଶକ୍ତ ଆଘାତ। ଓଡ଼ିଶାରୁ କେନ୍ଦ୍ରମନ୍ତ୍ରିମଣ୍ଡଳରେ ତିନିଜଣ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଥିଲେ। ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ ଏବଂ ଧର୍ମେନ୍ଦ୍ର ପ୍ରଧାନ। ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ଏବେ ଇସ୍ତଫା ଦେଇଛନ୍ତି। କ୍ରମାଗତ ୧୨ ବର୍ଷ ଧରି ସେ କେନ୍ଦ୍ରରେ ବିଭିନ୍ନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ। ଏହା ଓଡ଼ିଶା ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ହେଲା। ଏହା ପୂର୍ବରୁ ଓଡ଼ିଶାର କେହି କ୍ରମାଗତ ୧୨ ବର୍ଷ ଧରି କେନ୍ଦ୍ରରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ନଥିଲେ। ଧର୍ମେନ୍ଦ୍ର ଏକ ରେକର୍ଡ କରିଛନ୍ତି। ଦୁର୍ଭାଗ୍ୟବଶତଃ ନିଟ ପେପର ଲିକରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ପୂର୍ବରୁ ଅନେକ ଥର ପେପର ଲିକ୍ ହୋଇଛି। କିନ୍ତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ପ୍ରଧାନବିଚାରପତିଙ୍କ ଗୋଟିଏ ମନ୍ତବ୍ୟ ଯୋଗୁ କକ୍ରୋଚ ଜନତା ପାର୍ଟି (ସିଜେପି) ଜନ୍ମ ନେଲା। ଏହା ହିଁ ଧର୍ମେନ୍ଦ୍ରଙ୍କ ପାଇଁ କାଳ ହେଲା। ଧର୍ମେନ୍ଦ୍ରଙ୍କ ଇସ୍ତଫା ଓଡ଼ିଶା ବିଜେପି ପାଇଁ ଏକ ନୈରାଶ୍ୟର ବିଷୟ ହୋଇଛି। ଗତ ୧୫ ବର୍ଷ ହେବ ସେ ହିଁ ରାଜ୍ୟରେ ବିଜେପିର ରଣନୀତି ନିର୍ଦ୍ଧାରଣ କରିଆସୁଥିଲେ। ସେ ଥିଲେ ବିଜେପି ରାଜ୍ୟ ଶାଖାର ଅଘୋଷିତ ସଭାପତି ବା ଶୀର୍ଷ ନେତା। ଆଗକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେଲେ ଓଡ଼ିଶାରୁ ଆଉ କେହି ମନ୍ତ୍ରିମଣ୍ଡଳରେ ସାମିଲ ହେବେ କି ନାହିଁ ତାହା ସନ୍ଦେହ। ଲୋକସଭାରେ ଓଡ଼ିଶାରୁ ବିଜେପିର ୨୦ଜଣ ଏବଂ ରାଜ୍ୟସଭାରେ ୫ଜଣ ସଦସ୍ୟ ଅଛନ୍ତି। ତେଣୁ ବିଜେପିରେ କେନ୍ଦ୍ରମନ୍ତ୍ରୀ ହେବା ଲାଗି ଅନେକ ଆଶାୟୀ ଏବଂ ଯୋଗ୍ୟ ବ୍ୟକ୍ତି ଅଛନ୍ତି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ଏଥିଲାଗି ପ୍ରବଳ ଦାବିଦାର। ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ଜଣେ ଦାବିଦାର ବୋଲି କୁହାଯାଇପାରନ୍ତି। ଦଳର ରାଜ୍ୟସଭାପତି ମନମୋହନ ସାମଲ ମଧ୍ୟ ସମ୍ଭାବ୍ୟ କେନ୍ଦ୍ରମନ୍ତ୍ରୀ ତାଲିକାରେ ତାଲିକାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଏ ମନ୍ତ୍ରୀ ହେବେ ତାହା କିଛି ମାସ ମଧ୍ୟରେ ଜଣାପଡ଼ିଯିବ। ତେବେ କେବଳ ଧର୍ମେନ୍ଦ୍ରଙ୍କ ଇସ୍ତଫା ନୁହେଁ, ଅନ୍ୟ କିଛି ପ୍ରସଙ୍ଗରେ ମଧ୍ୟ ବିଜେପି ସରକାର ଚାପରେ ରହିଛି। ଓଡ଼ିଶାରେ ପାଠ୍ୟପୁସ୍ତକରେ ତ୍ରୁଟି ସେଥିରୁ ଗୋଟିଏ କାରଣ। ଏଥିଲାଗି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଉଠୁଛି। ବିଜେପି ଓ କଂଗ୍ରେସ ସମେତ ଅନେକ ଛାତ୍ର ସଙ୍ଗଠନ ପକ୍ଷରୁ ଏଥିଲାଗି ଆନ୍ଦୋଳନ ଚାଲିଛି। ଯଦି ଦିଲ୍ଲୀ ଭଳି ଏଠାରେ ଛାତ୍ର ଆନ୍ଦୋଳନ ହୋଇଥାଆନ୍ତା ତେବେ ଏତେ ବେଳକୁ ନିତ୍ୟାନନ୍ଦ ବାବୁ ଇସ୍ତଫା ଦେଇ ସାରନ୍ତେଣି। ପାଠ୍ୟପୁସ୍ତକରେ ତ୍ରୁଟି ଏତେ ବ୍ୟାପକ ତ୍ରୁଟି କିଛି ସାଧାରଣ ଘଟଣା ନୁହେଁ। ସାରା ଦେଶରେ ଏହା ର୍ଚ୍ଚିତ ପ୍ରସଙ୍ଗ ହୋଇଛି। ପାଠ୍ୟପୁସ୍ତକରେ କେବଳ ମୁଦ୍ରଣ ଜନିତ ତ୍ରୁଟି ନୁହେଁ, ଅନେକ ତଥ୍ୟଗତ ଭୁଲ ମଧ୍ୟ ରହିଛି। ଏହାକୁ ପଢ଼ି ସରକାରୀ ସ୍କୁଲ ଯାଉଥିବା ପିଲାମାନେ ଗଣ୍ଡମୂର୍ଖ ହେବେ। ବିଧାନସଭାର ଆଗାମୀ ଅଧିବେଶନରେ ଏହାକୁ ନେଇ ଝଡ଼ ସୃଷ୍ଟି ହେବା ସ୍ୱାଭାବିକ। ସେହିପରି ରଥଯାତ୍ରାରେ ପରିଚାଳନାଗତ ତ୍ରୁଟି, ୩ଜଣ ଭକ୍ତ ଅଣନିଶ୍ୱାସୀ ହୋଇ ପ୍ରାଣ ହରାଇବା ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଚୋରି ହେବା ପ୍ରସଙ୍ଗରେ ଝଡ଼ ସୃଷ୍ଟି ହେବ ଏବଂ ଗୃହ ଅଚଳ ହେବାର ସମ୍ଭାବନା ରହିଛି। ରାଜ୍ୟରେ ଏବେ ୬ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ସରକାର ଆସିବାର ୨ ବର୍ଷରୁ ଅଧିକ ସମୟ ବିତିଗଲାଣି। ଅନେକ ମନ୍ତ୍ରୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଯଦି ଆଉ ୬ଟି ମନ୍ତ୍ରୀ ପୂରଣ ହୁଅନ୍ତା ତେବେ ଅନେକ ମନ୍ତ୍ରୀଙ୍କ ଉପରୁ ଚାପ କମିଯାଇପାରନ୍ତା ଏବଂ ପ୍ରଶାସନିକ ଦୃଷ୍ଟିରୁ ଚାପ ହ୍ରାସ ପାଇପାରନ୍ତା।

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

## ॥ ହେମନ୍ତ କୁମାର ପରିଡ଼ା ॥

> *"ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ।*

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଚ୍ଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି। ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ। ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି। ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି। ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ। ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ। ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ। ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି।

ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ – ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ବର୍ଷା ମୁଖର ଘନ ଅନ୍ଧାର ରାତି। ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୁତ ହୋଇଥିଲେ। ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା। ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା। ବନ୍ଦୀ ପିତା ମାତାଙ୍କ ବେଢ଼ି ଖୋଲିଗଲା। ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା। ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ। ତାହାଥିଲା ଅପୂର୍ବ ସଂଯୋଗ। ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା। ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା। ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ। ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା। ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା। କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ।

ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ। ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି। ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ। ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି। ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ। ବିଜୁଳି ରାସ୍ତା ଦେଖାଇଲା। ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା। ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ। ଦେଖିଲେ ସମସ୍ତେ ସୁପ୍ତ। ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ। ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ। ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା। ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା। ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ। ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ରୁଦ୍ଧିମନ୍ତ। କୃଷ୍ଣ କିଏ ? ଶାସ୍ତ୍ରରେ କୁହାଯାଇଛି – 'କର୍ଷତି ଇତି କୃଷ୍ଣ'। ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ। ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ। ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ। ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ 'ତୁ' 'ତୋର' 'ଆରେ ଧନରେ' ଭଳି ସବୁଠାରୁ ଆପଣାର ଶବ୍ଦ। ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ। ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ। ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ। ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି। ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ ମନ ବଳାଇ ଥାଆନ୍ତି।

ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ। ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ'। କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ। ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ। ଜନ୍ମ ହେଲେ ବନ୍ଦୀଶାଳାରେ। ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ। କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ। ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା। କିଶାର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ। ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା। ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ। ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ ଜରା ଶବର ହାତରେ ନିହତ ହୋଇଗଲେ। ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର। ସର୍ବ ସମର୍ଥ ହୋଇ ମଧ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି। ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି। ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ କରିଛନ୍ତି। ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି। ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର। ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି। ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି। କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ। ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ। ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି। ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ। ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି। ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର। ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର। ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର। ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି। ସେ ଅଚ୍ୟୁତ ଅନନ୍ତ ହେଲେ ମଧ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ। ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ। ଏହା ତାଙ୍କର ମୁଖ ନିସୃତ ବାଣୀ। ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ। ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ। ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର। ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ। ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ। ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି। ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି। ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ। ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବ। ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ। ବାସୁଦେବ ସର୍ବମ୍। ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇ ଯିବା। କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା। ସକଳ ଦୁଃଖ, ଶୋକ ମଧରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ। ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ। ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ। ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ। କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ। ଏକାକାର ହୋଇଯାଉ। ଜୟ ଶ୍ରୀକୃଷ୍ଣ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# ସୃଷ୍ଟିର ମହାନାୟକ ଏବଂ ମ୍ୟାନେମେଣ୍ଟ ଗୁରୁ ଶ୍ରୀକୃଷ୍ଣ

## ॥ ଗୋପାଳ ମହାପାତ୍ର ॥

ଭଗବାନ ଶ୍ରୀକୃଷ୍ଣ ଆମ ସଂସ୍କୃତିର ଜଣେ ଅଦ୍‌ଭୁତ ଏବଂ ବିଲକ୍ଷଣ ମହାନାୟକ ଏବଂ ମ୍ୟାନେଜମେଣ୍ଟ ପ୍ରବନ୍ଧନ ଗୁରୁମଧ ଚରିତ୍ର ଏକ ପ୍ରଭାବୀ ଏବଂ ସଫଳ ମ୍ୟାନେଜମେଣ୍ଟ ଗୁରୁଙ୍କର ସମସ୍ତ ଗୁଣ ଥିବା ଲୋକ ନାୟକଙ୍କ ଶ୍ରୀକୃଷ୍ଣଙ୍କ ଚରିତ୍ର ଅଟେ। ସେ ଶାସକ କିନ୍ତୁ କେବେ ତାଙ୍କୁ ରାଜା ଶ୍ରୀକୃଷ୍ଣ ଭାବେ ସମ୍ବୋଧିତ କରାଯାଏ ନାହିଁ। ସେ ତ ବ୍ରଜ ନନ୍ଦନ ଅଟନ୍ତି। କୁଶଳ ପ୍ରବନ୍ଧନର ଦକ୍ଷତା କାରଣରୁ ସମାଜ ଏବଂ ରାଷ୍ଟ୍ରବ୍ୟବସ୍ଥା ତାଙ୍କ ପାଇଁ କର୍ତ୍ତବ୍ୟ ଥିଲା, ଧର୍ମ ତାଙ୍କର ଆତ୍ମନିଷ୍ଠା ପାଲଟିଥିଲା। ସେ ପ୍ରବୃତ୍ତି ଏବଂ ନିବୃତ୍ତି ଉଭୟର ସଂଯୋଜନାରେ ସଚେତନ ଥିଲେ। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ହିଁ ଦେଶ ଏବଂ ଦୁନିଆରେ ଶାନ୍ତି ସ୍ଥାପିତ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ରହସ୍ୟକୁ ବୁଝିବା ପାଇଁ ତାଙ୍କର ଆଦର୍ଶ ରାଜନୀତି, ବ୍ୟବହାରିକ ଲୋକତନ୍ତ୍ର, ସାମାଜିକ ବ୍ୟବସ୍ଥା, ଏକାତ୍ମ ମାନବବାଦ ଏବଂ ଅନୁଶାସିତ ସୈନ୍ୟ ଏବଂ ଯୁଦ୍ଧ ସଂଚାଳିତ ବ୍ୟବସ୍ଥା ଜାଣିବାକୁ ପଡିବ। ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ କେଉଁ ପ୍ରକାରର ନୀତି ଏବଂ ନିୟମ ଆବଶ୍ୟକ ସେ ସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ ପ୍ରଭାବୀ ପ୍ରବାନ୍ଧନ ସୂତ୍ରରୁ ମିଳିଥାଏ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ନେତୃତ୍ୱ ତଥା ପ୍ରବନ୍ଧନର ସମସ୍ତ ବିଶେଷତା ବହୁରଙ୍ଗୀ ଅର୍ଥାତ୍ ରାଜନୈତିକ କୌଶଳ, ବୁଦ୍ଧିମତା, ଚାତୁର୍ଯ୍ୟ, ଯୁଦ୍ଧନୀତି, ଆକର୍ଷଣ, ପ୍ରେମ ଭାବ, ଗୁରୁତ୍ୱ, ସୁଖ ଦୁଃଖ ଏବଂ ଆହୁରି ଅନେକ କିଛି।

ଜଣେ ଦେଶଭକ୍ତ ପାଇଁ ଶ୍ରୀକୃଷ୍ଣ ଭଗବାନ ତ ଅଟନ୍ତି ଏଥି ସହ ସେ ଜୀବନ ଜିଇଁବାର କଳା ଏବଂ ସଫଳ ନାଗରିକତା କଥା ମଧ ଶିଖାଇଛନ୍ତି। ସେ ନିଜର ବ୍ୟକ୍ତିତ୍ୱର ବିବିଧ ବିଶେଷତାର ଭାରତୀୟ ସଂସ୍କୃତିରେ ଉଚ୍ଚ ମହାପ୍ରବନ୍ଧକର ପଦ ପ୍ରାପ୍ତି କରିଥିଲେ। ଗୋଟିଏ ପକ୍ଷରେ ସେ ରାଜନୀତିର ଜ୍ଞାତା, ତ ଅନ୍ୟ ପକ୍ଷରେ ଦର୍ଶନର ପ୍ରକାଣ୍ଡ ପଣ୍ଡିତ ଥିଲେ। ଧାର୍ମିକ, ରାଜନୈତିକ ଏବଂ ସାମାଜିକ ଜଗତକୁ ମଧ ନେତୃତ୍‌ବ ଦେଇଥିଲେ ତଥା ଜ୍ଞାନ-କର୍ମ- ଭକ୍ତିର ସମନ୍ୱୟବାଦୀ ଧର୍ମ ମଧ ପ୍ରବର୍ତ୍ତିତ କରିଥିଲେ। ନିଜର ଯୋଗ୍ୟତାର ଆଧାରରେ ସେ ଯୁଗପୁରୁଷ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଯୁଗାବତାର ଭାବେ ସ୍ୱୀକୃତ ହୋଇଥିଲେ। ଆମେ ତାଙ୍କୁ ଜଣେ ମହାନ କ୍ରାନ୍ତିକାରୀ ନାୟକ ଭାବେ ମନେ ରଖିଛେ। ସେ ଦାର୍ଶନିକ, ଚିନ୍ତକ, ଗୀତା ମାଧ୍ୟମରେ କର୍ମ ଏବଂ ସାଂଖ୍ୟଯୋଗର ସଂଦେଶବାହକ ଏପରିକି ମହାଭାରତ ଯୁଦ୍ଧରେ ନୀତି ନିର୍ଦ୍ଦେଶକ ଥିଲେ। କିନ୍ତୁ ସରଳ ନିଛଳ ବ୍ରଜବାସୀ ମାନଙ୍କ ପାଇଁ ସେ ଥିଲେ ରାସ ରଚେତା, ଲହୁଣୀ ଚୋର, ଗୋପୀମାନଙ୍କ ମାଠିଆ ଭାଙ୍ଗୁଥିବା ଦୁଷ୍ଟ କହ୍ନେଇ ଏବଂ ଗୋପୀମାନଙ୍କ ଚିତ୍ତଚୋର। ଗୀତାରେ ଏ ସବୁର ଭାବାଭିବ୍ୟକ୍ତି ରହିଛି – "ହେ ଅର୍ଜୁନ ! ଯେଉଁ ଭକ୍ତ ମୋତେ ଯେଉଁ ଭାବନାରେ ଭଜିଥାଏ ମୁଁ ତାକୁ ସେଇ ପ୍ରକାର ଭଜିଥାଏ"। ଶ୍ରୀକୃଷ୍ଣଙ୍କ ଜୀବନ ଆଦର୍ଶକୁ ଯିଏ ଆତ୍ମସାତ କରି ପାରିବ ସେ ଜଣେ କୁଶଳ ପ୍ରବନ୍ଧିକ ଭାବେ ନିଜକୁ ପ୍ରଦର୍ଶିତ କରିପାରିବ।

ସଠିକ୍ ପ୍ରବନ୍ଧନ ବିନା କୌଣସି କାର୍ଯ୍ୟର ଶ୍ରେଷ୍ଠତମ ପରିମାଣ ମିଳିପାରେ ନାହିଁ। ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ସଠିକ୍ ପ୍ରବନ୍ଧନ ନିହାତି ଆବଶ୍ୟକ। ସାର୍ଥକ ଜୀବନ ପାଇଁ ମଧ ସଠିକ୍ ପ୍ରବନ୍ଧନ ଜରୁରୀ। ଶ୍ରୀକୃଷ୍ଣ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଗୁରୁ ର ଭୂମିକା ନିର୍ବାହକରି ସଫଳ ଏବଂ ସାର୍ଥକ ଜୀବନ ଜିଇଁବାର ପ୍ରବନ୍ଧନ ସୂତ୍ରର ଶିକ୍ଷା ଦେଇଛନ୍ତି ଯାହା ସଂପୂର୍ଣ୍ଣ ମାନବ ଜାତିକୁ ପଥ – ପ୍ରଦର୍ଶନ କରୁଛି। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ନୀତିର ବିଶେଷତ୍ୱ ହେଉଛି ଯେ ତାଙ୍କ ଭାବନା ଏବଂ ବିବେକ ପରସ୍ପରର ପୂରକ ଥିଲେ। ପ୍ରବନ୍ଧନ ଗୁରୁ ଶ୍ରୀକୃଷ୍ଣଙ୍କ ବ୍ୟବହାରିକ କୌଶଳ ଥିଲା ଯେ ସର୍ବ ପ୍ରଥମେ ଅତ୍ୟାଚାରୀ କଂସକୁ ସେ ଆର୍ଥିକ ପରେ ଦୁର୍ବଳ କରି ଦେଇଥିଲେ ଓ ପରେ ତାକୁ ବଧ କରି ଥିଲେ। ପୁରା ମହାଭାରତ ଯୁଦ୍ଧ ସମୟରେ ସେ କେବେ ଦୁଃଖିତ ହୋଇନଥିଲେ କିମ୍ବା ଅତ୍ୟଧିକ ଉତ୍ସାହିତ ମଧ ହୋଇ ନଥିଲେ। ଜଣେ ବ୍ୟକ୍ତି ମଧରେ ଅନେକ ଗୁଣ, ବିଶେଷତାଏବଂ କୌଶଳ 1 ସମାବେଶ ସେତେବେଳେ ହୋଇପାରେ ଯେତେବେଳେ ସେ ପ୍ରବନ୍ଧନରେ ଅଭିକ୍ଷତା ହାସଲ କରି ପାରିଥାନ୍ତି।

ଶ୍ରୀକୃଷ୍ଣ ଏମିତି ଏକ ଆଦର୍ଶ ଚରିତ୍ର ଯିଏ ଅର୍ଜୁନର ମାନସିକ ବ୍ୟଥାର ନିଦାନ କରିବା ସମୟରେ ଜଣେ ମନୋବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ। କଂସକୁ ସଂହାର ବେଳେ ଜଣେ ଧର୍ମାବତାର ପାଲଟିଥିଲେ। ସ୍ୱାର୍ଥ ପୋଷିତ ରାଜନୀତିର ପ୍ରତିକାର କରି ଜଣେ ଆଦର୍ଶ ରାଜନୀତିଜ୍ଞ, ମୋହନ ବଂଶୀବଜାଇ ଜଣେ ଶ୍ରେଷ୍ଠ ସଙ୍ଗୀତଜ୍ଞ, ବ୍ରଜବାସୀଙ୍କ ଆଗରେ ପ୍ରେମାବତାର, ସୁଦାମା ଆଗରେ ଜଣେ ଆଦର୍ସ ବଂଧୁ ସୁଦର୍ଶନ ଚକ୍ରଧାରୀ ରୂପରେ ଜଣେ ଯୋଦ୍ଧା ଓ ସାମାଜିକ କ୍ରାନ୍ତିର ପ୍ରେରଣାଦାତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ତାଙକ ଜୀବନର ଅନେକ ଛୋଟ ଛୋଟ ଘଟଣା ମଧ ସମାଜ ପାଇଁ ପ୍ରେରଣାଦାୟୀ। ସେ ଥିଲେ ସର୍ବ ଏଶ୍ୱର୍ଯ୍ୟ ସମ୍ପନ୍ନ। ଧର୍ମର ସାକ୍ଷାତ୍ ମୂର୍ତ୍ତୀ, କୁଶଳ ରାଜନୈତିଜ୍ଞ ଥିଲେ ଶ୍ରୀକୃଷ୍ଣ। ସୃଷ୍ଟି ସଂଚାଳକ ରୂପରେ ସେ ଥିଲେ ଜଣେ ମହା ପ୍ରବନ୍ଧକ। ତାଙ୍କ ପ୍ରବନ୍ଧନର ମନ୍ତ୍ର ଅନୁସାରେ ଶ୍ରେଷ୍ଠ ବ୍ୟକ୍ତି ସର୍ବଦା ପଦବୀ ଏବଂ ଗାରିମା ଅନୁରୂପ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିବା ଉଚିତ। କାରଣ ସେହି ବ୍ୟକ୍ତିମାନେ ଲୋକଙ୍କ ପାଇଁ ଆଦର୍ଶ ଅଟନ୍ତି। ସେମାନଙ୍କୁ ଲୋକ ଅନୁକରଣ କରିଥାନ୍ତି। କୁରୁକ୍ଷେତ୍ରର ଯୁଦ୍ଧଭୂମୀରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ଉପଦେଶ ଦେଇଥିଲେ ତାହା ହେଉଛି ପ୍ରବନ୍ଧନ ବା ମ୍ୟାନେଜମେଣ୍ଟର ଅମରସୁକ୍ତ।

ମୋହବଶ ହୋଇଥିବା ଅର୍ଜୁନ ଯୁଦ୍ଧଭୂମୀରେ ଅସ୍ତ୍ର ତ୍ୟାଗ କରିଦେଇଥିଲେ। ସେତେବେଳେ ଗୀତାର ଉପଦେଶ ମାଧ୍ୟମରେ ଶ୍ରୀକୃଷ୍ଣ ତାଙ୍କୁ ଧର୍ମାନୁସାରେ କର୍ମ କରିବାରେ ପ୍ରେରଣା ଦେଇଥିଲେ। ଉପଦେଶ ମାଧ୍ୟମରେ ସେ ଅର୍ଜୁନଙ୍କୁ ପ୍ରବନ୍ଧନର ସୁତ୍ର ବୁଝାଇଥିଲେ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ମନୁଷ୍ୟର ମନରେ ଯଦି କାମନା ଥାଏ ତାଙ୍କୁ କେବେ ସୁଖ ଶାନ୍ତି ମିଳି ନଥାଏ। ତେଣୁ ସୁଖ ଶାନ୍ତି ପାଇବାକୁ ହେଲେ କାମନାକୁ ତ୍ୟାଗ କରିବାକୁ ପଡିବ। ଆମେ କର୍ମକରିବାବେଳେ ତାର ଫଳ କ'ଣ ହେବ ସେକଥା ଭାବିଲେ ଆମେ ଦୁର୍ବଳ ହୋଇଯିବା। ଏଣୁ ଆମେ ପରିଣାମର କଥା ଚିନ୍ତା ନକରି ନିଜର କର୍ମ ପ୍ରତିଧ୍ୟାନ ଦେବା ଆବଶ୍ୟକ ଯାହା ଫଳରେ ଆମେ ଆମ କର୍ତ୍ତବ୍ୟର ପାଳନ କରି ପାରିବା ଓ ଏହା ହେଉଛି ପ୍ରବନ୍ଧନର ଆଦିସୁତ୍ର। ଶ୍ରୀକୃଷ୍ଣଙ୍କ ପ୍ରଶାସନିକ ଏବଂ ରାଜନୈତିକ ଚରିତ୍ର ଅତ୍ୟନ୍ତ ଆଲୌକିକ। ସେଥିରୁ ସମଗ୍ର ବିଚାର ଦର୍ଶନର ସଂକ୍ଷେପ ସଂଦେଶ ହେଉଛି- କର୍ମ। କର୍ମ ମାଧ୍ୟମରେ ହିଁ ସମାଜର ଅନିଷ୍ଟକାରୀ ପ୍ରବୃତ୍ତିକୁ ଦମନକରି ତା ସ୍ଥାନରେ ବରେଣ୍ୟ ପ୍ରବୃତ୍ତିକୁ ସ୍ଥାପନ କରାଯାଇପାରେ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଅସୀମ କରୁଣାରେ ପରିପୂର୍ଣ୍ଣ। କିନ୍ତୁ ଅନୀତି ଏବଂ ଅତ୍ୟାଚାରର ପ୍ରତିକାର କରିବା ଭଳି କଠୋର ବ୍ୟକ୍ତିତ୍ୱ ତାଙ୍କଠାରେ ମଧ ରହିଥିଲା। ଭକ୍ତଙ୍କ ପାଇଁ ଯାହାଙ୍କ ହୃଦୟ ତରଳିଯାଉଥିଲା ସେହି ଶ୍ରୀକୃଷ୍ଣ ଦଣ୍ଡ ଦେବା ପାଇଁ ଅତ୍ୟନ୍ତ କଠୋର ହୋଇଯାଉଥିଲେ। କେବେ ପ୍ରେମ କରିବା, କେବେ ଘୃଣା କରିବା, କେବେ କଠୋର ହେବା ଓ କେବେ ଦୟାବାନ ହେବା ସେ ସବୁ କଥା ଉଚିତ୍ ପ୍ରବନ୍ଧନରେ ହିଁ ସମ୍ଭବ। ନିଜର ଜନ୍ମଠାରୁ ଲୀଳା ସମାପ୍ତି ପୁରା ଅବତାର ସମୟ ମଧରେ ଶ୍ରୀକୃଷ୍ଣ ଅନେକ ସଂଘର୍ଷକୁ ଦେଖିଛନ୍ତି ଓ ସମାପ୍ତି କରିଛନ୍ତି। ପରିସ୍ଥିତିକୁ ଅନୁକୂଳ କରିବାର କଳା ହିଁ ତାଙ୍କ ପାଖରେ ଥିଲା। ତାଙ୍କ ଶିକ୍ଷା ମଧ ଉଚ୍ଚକୋଟୀର ଥିଲା ଯେଉଁଥିପାଇଁ ତାଙ୍କ ବ୍ୟକ୍ତିତ୍ୱର ରଚନାତ୍ମକ ବିକାଶ ଘଟିଥିଲା।

ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

## ॥ ପ୍ରଦୀପ କୁମାର ବିଶ୍ୱାଳ ॥

'ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ, ଇନ୍ଦ୍ରାରି ବ୍ୟାକୁଳଂ ମୃଡୟନ୍ତି ଯୁଗେ ଯୁଗେ।' ଶ୍ରୀମଦ୍ ଭାଗବତରେ କୁହାଯାଇଛି 'କୃଷ୍ଣ ହିଁ ସ୍ୱୟଂ ଭଗବାନ'। ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି କୃଷ୍ଣ ହେଉଛନ୍ତି ସର୍ବୋତ୍ତମ ଉତ୍ସ ଯେଉଁଥିରୁ ବ୍ରହ୍ମା, ବିଷ୍ଣୁ, ଶିବ ଓ ପ୍ରକୃତି ଉତ୍ପତି ହୋଇଥିଲେ। କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ, ଅନ୍ୟ ଅବତାରମାନେ ତାଙ୍କର ଅଂଶବିଶେଷ। ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଲୋକରେ କହିଛନ୍ତି,

**'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।'**

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଳାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୨୬.୮.୨୦୨୪ରିଖ ସୋମବାର ଦିନ ପାଳନ କରାଯିବ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍। ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସୋମବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ। ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃ ଲୋକଂ ଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ । ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୪ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୫୦ତମ ଜନ୍ମତିଥି । ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ ହେଉଥାଏ। ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୁମଣ୍ଡଳ। ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ'। ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରାଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୁମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ)। ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ। ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲ୍‌ଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ। ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି। ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି। ଘୋର ଅନ୍ଧକାର ମଧରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି। ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ ଉଗ୍ରସେନ ନଛୋଡ ବନ୍ଧା। ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି। ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ। ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ। ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ। ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା। ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚ ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ। ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା।

## ସାମ୍ବାଦିକଙ୍କୁ ଛୋଟ–ବଡ଼ କରିବା ମାନସିକତା ନେଇ ପ୍ରଶ୍ନ

କୃଷ୍ଣପ୍ରସାଦ, (ମହାଭାରତ ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ସିଆଣ୍ଡି ପଞ୍ଚାୟତ ରେ ସ୍ୱାଧିନତା ଦିବସ ଉପଲକ୍ଷେ ଚାଲିଥିବା ସଭାରେ ଏମ୍‌ପିଙ୍କ ପ୍ରତିନିଧିଙ୍କ ଏକ ଭାଷଣକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଭାଷଣରେ ସାମ୍ବାଦିକମାନଙ୍କୁ ଛୋଟ–ବଡ଼ ଭାବେ ବିଭାଜନ କରିବା ଭଳି ମନୋଭାବ ପ୍ରକାଶ ପାଇଥିବା ଅଭିଯୋଗ ଉଠିଛି। ପ୍ରଶ୍ନ ଉଠୁଛି—ସାମ୍ବାଦିକଙ୍କ ମୂଲ୍ୟାୟନ କ'ଣ ତାଙ୍କର ଖବରର ସତ୍ୟତା ଓ ନିରପେକ୍ଷତା ଆଧାରରେ ହେବ, ନା କୌଣସି ରାଜନୈତିକ ଦଳ କିମ୍ବା ନେତାଙ୍କ ପ୍ରତି ନିକଟତା ଆଧାରରେ ? ଯଦି କୌଣସି ସାମ୍ବାଦିକ ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରୁଛନ୍ତି, ତେବେ ତାଙ୍କୁ ଛୋଟ କିମ୍ବା ବଡ଼ ବୋଲି ଚିହ୍ନଟ କରିବାର ଅଧିକାର କାହାର ? ଏଭଳି ମନୋଭାବ ସାମ୍ବାଦିକତାର ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରଶ୍ନ ଉଠାଏ। ଆହୁରି ଏକ ବଡ଼ ପ୍ରଶ୍ନ ହେଉଛି—ଏଭଳି ମନୋଭାବ ଥିବା ବ୍ୟକ୍ତିଙ୍କୁ ଏମ୍‌ପିଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ଦିଆଯିବା ପଛରେ କ'ଣ ତାତ୍ପର୍ଯ୍ୟ ରହିଛି ? ଏହା ଉପରେ ମଧ୍ୟ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ରାଜନୀତି ନିଜ ସ୍ଥାନରେ ରହୁ, କିନ୍ତୁ ସାମ୍ବାଦିକତାର କାମ ହେଉଛି ସତ୍ୟକୁ ସାମ୍ନାକୁ ଆଣିବା। ତେଣୁ ସାମ୍ବାଦିକଙ୍କୁ ରାଜନୈତିକ ପକ୍ଷପାତର ଆଧାରରେ ମାପିବା ନୁହେଁ; ତାଙ୍କ ଖବରର ସତ୍ୟତା, ନିରପେକ୍ଷତା ଓ ଦାୟିତ୍ୱବୋଧ ଆଧାରରେ ମୂଲ୍ୟାୟନ କରାଯିବା ଉଚିତ।

## ପୀଡିତାକୁ ନ୍ୟାୟ ପାଇଁ ଦାବୀ କଲା ଅଲ୍ ଓଡ଼ିଶା ସିଡୁଲ୍‌ଡକାଷ୍ଟ ଫେଡରେସନ

କଳାହାଣ୍ଡି, (ମହାଭାରତ) : ଗତ ତା ୧୦.୮.୨୦୨୬ ଦିନ ଏକ ଛୋଟିଆ କଥାକୁ ନେଇ କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ପୋଲିସ ଗୋରିଆପଦର ଗାଁର ନୀଳମଣି ବିନାୟକ କୁ ଥାନାକୁ ନେଇ ରାତି ସାରା ପ୍ରବଳ ମାଡ ମାରିଲେ.. ସକାଳେ ତାର ସ୍ତ୍ରୀ ତାର ସ୍ୱାମୀକୁ ଭେଟିବା ପାଇଁ ଥାନାକୁ ଯିବାରୁ ପୋଲିସ କହିଲା ମୋର ସ୍ୱାମୀ ସୁସ୍ଥ ଅଛି ମୁଁ ଏହି ଘଟଣା ବିଷୟରେ କାହାକୁ କହିବି ନାହିଁ ବୋଲି ଲେଖିଦେଇ ତୋର ସ୍ୱାମୀକୁ ନେଇ ଯାଅ। ଜୀବନର ବ୍ୟକୁଳରେ ଲେଖିଦେଇ ତାର ସ୍ୱାମୀକୁ ନେଇ ଆସିଲା.। ଯଦୀ କୌଣସି ବ୍ୟକ୍ତି ଅପରାଧ କରେ ତାହାହେଲେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା କଥା କିନ୍ତୁ ନୀରିହ ବ୍ୟକ୍ତିକୁ ପୋଲିସ ଥାନା ଭିତରେ ଏହିଭଳି ଅକଥନୀୟ ଅତ୍ୟାଚାର କରିବା ଅତ୍ୟନ୍ତ ଚିନ୍ତାର ବିଷୟ । ପ୍ରକାଶ ଥାଉକି କିଛି ମାସ ତଳେ ଏହି ନର୍ଲା ଥାନାରେ ଏହି ଥାନା ଅଧିକାରୀ ହିଁ ଜୟନ୍ତୀ ନଗରପଡାର ମନିଷ କୁମାର ନାମକ ଜଣେ ଯୁବକକୁ ମଧ୍ୟ ଏକ ଛୋଟିଆ କଥାକୁ ନେଇ ଏହିଭଳି ଅନେକ ଅକଥନୀୟ ଅତ୍ୟାଚାର କରାଯାଇଥିଲା। ସାଧାରଣ ନୀରିହ ଜନତା ଉପରେ ନର୍ଲା ପୋଲିସର ଏହିଭଳି ଅକଥନୀୟ ଅତ୍ୟାଚାର ଅନେକ ଦେଖିବାକୁ ମିଳୁଛି। ଏଣୁ ଉକ୍ତ ପୋଲିସ ଅଫିସର ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପୀଡିତାକୁ ନ୍ୟାୟ ଦେବା ପାଇଁ ଅଲ୍ ଓଡ଼ିଶା ସିଡୁଲ୍‌ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଦାବି ଜଣାଇଛନ୍ତି।

## ପ୍ରେସ କ୍ଲବ ବାଲିଚନ୍ଦ୍ରପୁର ପକ୍ଷ୍ୟରୁ ସ୍ୱାଧୀନତା ଦିବସ ପାଳିତ



ବାଲିଚନ୍ଦ୍ରପୁର, (ମହାଭାରତ) : ୮୦ତମ ସ୍ୱାଧୀନତା ଦିବସ ଅବସରରେ ପ୍ରେସ କ୍ଲବ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା, ବାଲିଚନ୍ଦ୍ରପୁର ଅଞ୍ଚଳର ବିଶିଷ୍ଟ ସମାଜ ସେବୀ ତଥା ପୁରୁଖା ବ୍ୟବସାୟୀ ଲକ୍ଷ୍ମିଧର ପରମାଣିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ, ଜାତୀୟ ସଙ୍ଗୀତ ଗାନ ପରେ ପ୍ରେସ କ୍ଲବର ଉପଦେଷ୍ଟା ଅମରେନ୍ଦ୍ର ସିଂହ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଓ ବର ପୁତ୍ର ମାନଙ୍କର ଦେଶ ସ୍ୱାଧୀନ ପାଇଁ ବଳିଦାନ ସମ୍ପର୍କରେ ମତ ରଖିଥିବା ବେଳେ ପ୍ରେସ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ସାମଲ ସ୍ୱାଧୀନତା ଦିବସ ଉପରେ ନିଜର ଅଭିଭାଷଣ ରଖିଥିଲେ, ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ପ୍ରବାସ କୁମାର ଦାଶ, ଉତ୍କଳକେଶରୀ ସାମଲ, ଅଜୟ କୁମାର ଦାଶ,ସେକ ଇକବାଲ ହୁସେନ, ସୁମନ୍ତ କୁମାର ଜେନା, ପ୍ରକାଶ କୁମାର ସିଂହ, ତୁଷାର ରଞ୍ଜନ ଜେନା, ଜ୍ଞାନରଞ୍ଜନ ପୃଷ୍ଟି, କ୍ଷୀରୋଦ କୁମାର ବେହେରା, ସୋଭାଗ୍ୟ ଲକ୍ଷ୍ମୀ ବଳ, ବନ୍ଦିତା ମହାରଣା ପ୍ରମୁଖ ଯୋଗ ଦେଇ ପତାକା ଉତ୍ତୋଳନରେ ସାମିଲ ହୋଇଥିଲେ।

## କୃଷ୍ଣପ୍ରସାଦରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଦ୍ଧିବର ପରିସରରେ ମୂଖ୍ୟ ଅତିଥି ଭାବେ ବୁଦ୍ଧିବର ପଞ୍ଚାୟତ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ଚ୍ୟାୟାରମ୍ୟାନ ଖଗେଶ୍ୱର ତରେଇ ସଭ୍ୟ ସୁନା ତରେଇ ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା , ସହକାରୀ ଶିକ୍ଷକ ବୁଦ୍ଧଦେବ ତରେଇ, ଶୁଶାନ୍ତ କୁମାର ପ୍ରଧାନ ଙ୍କ ସମେତ ସମସ୍ତ ଶିକ୍ଷକ ବନ୍ଧୁ ଗଣ ସହଯୋଗ କରିଥିଲେ। ବୁଦ୍ଧିବର ଡିଆକୁଦା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ପ୍ରଧାନ ଶିକ୍ଷକ ବିଦ୍ୟାଧର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲା ବେଳେ ସହକାରୀ ଶିକ୍ଷକ ଦ ଇ ତ ା ର ବିଶ୍ୱାଳ, ଖେଳ ଶିକ୍ଷକ ପଞ୍ଚାନନ ଜେନା ଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ସ ଭ ା ପ ତି



ଅଭିମନ୍ୟୁ ତରେଇ ସହଯୋଗ କରିଥିଲେ। ବୁଦ୍ଧିବର ପଞ୍ଚାୟତ ପରିସରରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ପତାକା ଉତ୍ତୋଳନ କରିବା ପରେ ସରକାରଙ୍କ ଅନୁଦାନରୁ ପାଇଥିବା ଆଦର୍ଶ ପୋଖରୀ ଓ ବୃନ୍ଦାବନ ସାଗର ପରିସରରେ ପତାକା ଉତ୍ତୋଳନ କରିବା ପରେ ପଞ୍ଚାୟତ ସଭା ଗୃହରେ ସରପଞ୍ଚ ଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ବେଳେ ନିଜେ ସରପଞ୍ଚ ସଭାପତିତ୍ୱ କରିଥିଲେ । ପି ଭି ଜ ରାମଜୀ,ପି ଏମ୍ ଆଇ ରିଲେଟଡ ସହିତ ଆର୍ଥିକ ବର୍ଷ ୨୦୨୬, ୨୦୨୭ ପଞ୍ଚାୟତ ବିକାଶ ଖସଡା ପଲିକା ପ୍ରସ୍ତୁତ କ ରାଯାଇ ଅନୁମୋଦନ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ବୁଦ୍ଧଦେବ ବିଶ୍ୱାଳ ପି ଓ ଲକ୍ଷ୍ମୀଧର ପ୍ରଧାନ, ନାଏବ ସରପଞ୍ଚ କାଜଲ ସାହୁ, ଗଦାଧର ବିଶ୍ୱାଳ କୁଳମଣି ବିଶ୍ୱାଳ, ନରହରି ବିଶ୍ୱାଳ, ଜୟକୃଷ୍ଣ ମୁଦୁଲି, ରଞ୍ଜନ ତରେଇ, ରଞ୍ଜନ ସାହୁ, ବାପୁଜୀ ମହାରଣା, ଭଗବାନ ସାହୁ ଙ୍କ ସମେତ ସମସ୍ତ ୱାଡ ମେମ୍ବର ସଭ୍ୟ ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାରାଦୀପ ବନ୍ଦର ଏକ ବିଶ୍ୱସ୍ତରୀୟ 'ସହସ୍ରାବ୍ଦର ବନ୍ଦର' ହେବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି – ବନ୍ଦରାଧ୍ୟକ୍ଷ ହରନାଦ

ପାରାଦିପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଦେଶାତ୍ମବୋଧକ ଉତ୍ସାହ, ପତାକା ଉତ୍ତୋଳନ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ସହିତ ଶନିବାର ଦିନ ସମାରୋହରେ ପାଳିତ ହୋଇଯାଇଛି ।ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଗୋପବନ୍ଧୁ ଷ୍ଟାଡିୟମରେ ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ଟ୍ରେଡ ୟୁନିଅନ ପ୍ରତିନିଧି, ଗଣମାଧ୍ୟମ, ସରକାରୀ ସଂଗଠନ, ଅଂଶୀଦାର, ପାରାଦୀପର ନାଗରିକ ଏବଂ ସ୍କୁଲ ପିଲାମାନଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଅଧ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ଏବଂ ସଶସ୍ତ୍ର ବାହିନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ବିକାଶ ଭାରତର ଦୃଷ୍ଟିକୋଣରେ ବନ୍ଦରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପାରାଦୀପ ବନ୍ଦର ଆଧୁନିକ ଭିତ୍ତିଭୂମି, ଦକ୍ଷ ଲଜିଷ୍ଟିକ୍ସ,



ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମାଧ୍ୟମରେ ଭାରତର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ । ଅଧ୍ୟକ୍ଷ ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୬.୪୫ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିବହନ ସର୍ବକାଳୀନ ରେକର୍ଡ ପାଇଁ ଅଭିନନ୍ଦନ ଜଣାଇଥିଲେ, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୪% ଅଭିବୃଦ୍ଧି ହାସଲ କରିଥିଲା । ଭାରତର ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଦ୍ୱିତୀୟ ସ୍ଥାନରେ ରହିଛି, ଯେତେବେଳେ ପୂର୍ବ ଉପକୂଳରେ ୧ ନମ୍ବର ଏବଂ ଉପକୂଳ ପରିବହନରେ ୧ ନମ୍ବର ସ୍ଥାନ ବଜାୟ ରଖିଛି । ବନ୍ଦର ପ୍ରାୟ ୩୭,୦୦୦ ଟନ୍ ବର୍ଥ ଉତ୍ପାଦନ ହାସଲ କରିଛି, ଯାହା ଜାତୀୟ ହାରାହାରି ତୁଳନାରେ ଦୁଇଗୁଣ ଅଧିକ କ୍ଷ ଅଧ୍ୟକ୍ଷ ଏହି ପ୍ରଦର୍ଶନ ପାଇଁ ଯାନ୍ତ୍ରିକୀକରଣ, ସିଷ୍ଟମ ଉନ୍ନତି, ଆଧୁନିକ କାର୍ଗୋ ପରିଚାଳନା ପ୍ରଣାଳୀ ଏବଂ ଟିମ୍ ପିପିଏର ଉତ୍ସର୍ଗୀକୃତ ପ୍ରୟାସକୁ ଶ୍ରେୟ ଦେଇଥିଲେ କ୍ଷ ଅଧ୍ୟକ୍ଷ ସୂଚନା ଦେଇଥିଲେ ଯେ ୧୮.୫ ମିଟର ଡ୍ରାଫ୍‌ଟ ପର୍ଯ୍ୟନ୍ତ ଚ୍ୟାନେଲର କ୍ୟାପିଟାଲ ଡ୍ରେଜିଂ ସମ୍ପୂର୍ଣ୍ଣ ହୋଇଛି କ୍ଷ ସମ୍ପୂର୍ଣ୍ଣ ଭାରପ୍ରାପ୍ତ କେପ୍ (ବୃହତ୍‌କାୟ) ଜାହାଜଗୁଡ଼ିକୁ ପରିଚାଳନା କରିବାକୁ ସକ୍ଷମ ପାଞ୍ଚଟି ଅତିରିକ୍ତ ବର୍ଥ ଶେଷ ହେବାକୁ ଯାଉଛି, ଯାହା ପାରାଦୀପ ବନ୍ଦରକୁ ସାତୋଟି କେପ୍-ହ୍ୟାଣ୍ଡଲିଂ ବର୍ଥ ସହିତ ଭାରତର ପ୍ରଥମ ବନ୍ଦର ହେବାକୁ ନେଇଛି । ୨୦୩୦ ସୁଦ୍ଧା ବର୍ଥ ସଂଖ୍ୟା ୧୯ ରୁ ୨୭ କୁ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ପାଞ୍ଚଟି ବର୍ଥ ନେଇ ଗଠିତ ୨୫ ଏମଏମଟି ପଶ୍ଚିମ ଡକ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଯାଉଛି ଏବଂ ନିର୍ଦ୍ଧାରିତ ସମୟର ଦୁଇ ବର୍ଷ ପୂର୍ବରୁ ସମାପ୍ତ ହେବାର ଆଶା କରାଯାଉଛି । ପାରାଦୀପ ବନ୍ଦର ମଧ୍ୟ ୧୦୦% ଯାନ୍ତ୍ରିକୀକରଣ ସହିତ ପ୍ରଥମ ପୂର୍ବ ତଟ ବନ୍ଦର ହେବା ଦିଗରେ ଅଗ୍ରଗତି କରୁଛି । ଯାନ୍ତ୍ରିକୀକରଣ ପାଇଁ ଚାରୋଟି ଅର୍ଦ୍ଧ-ଯାନ୍ତ୍ରିକୀକରଣ ବର୍ଥ ପୂର୍ବରୁ ପ୍ରଦାନ କରାଯାଇଛି, ଯେତେବେଳେ କଣ୍ଟେନର ଏବଂ ସବୁଜ ହାଇଡ୍ରୋଜେନ୍ ବର୍ଥ ପାଇଁ ପ୍ରକ୍ରିୟା ଚାଲିଛି କ୍ଷ ଗତ ପାଞ୍ଚ ବର୍ଷ ମଧ୍ୟରେ ବନ୍ଦରର ନିଟ୍ ସରପ୍ଲସ୍ ୭୧୪ କୋଟିରୁ ୨,୦୩୮ କୋଟିକୁ ବୃଦ୍ଧି ପାଇଛି। ପାରାଦୀପ ବନ୍ଦର ଦ୍ରୁତ ଗତିରେ ଏକ ସ୍ମାର୍ଟ ଏବଂ ଡିଜିଟାଲ୍ ବନ୍ଦର ଭାବରେ ଉଭା ହେଉଛି କ୍ଷ ସ୍ୱାଧୀନତା ଦିବସର ବକ୍ତବ୍ୟ ପରେ,ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ସାଂସ୍କୃତିକ ଶାଖା ଜଗନ୍ନାଥ ଲଳିତା କଳା ସଂସଦ ପକ୍ଷରୁ ଅଫିସର୍ସ କ୍ଲବରେ ଦେଶାତ୍ମବୋଧକ ବିଷୟବସ୍ତୁ ଉପରେ ଏକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଅପରାହ୍ନରେ ପାରାଦୀପ ବନ୍ଦର ଦଳ ଏବଂ ମର୍ଣ୍ଣିଂ ଫୁଟବଲ୍ କ୍ଲବ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟାରେ, ବିଜୁ କନଭେନସନ ସେଣ୍ଟରରେ ଦେଶାତ୍ମବୋଧକ ବିଷୟବସ୍ତୁ ଉପରେ ଏକ ଆନ୍ତଃସ୍କୁଲ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଜେତାମାନେ ବନ୍ଦର ଅଧ୍ୟକ୍ଷଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଡି.ଏ.ଭି.ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ : ୮୦ ତମ ସ୍ୱାଧୀନତା ଦିବସ ପାଳିତ

ପାରାଦିପ, (ମହାଭାରତ) : ଭାରତର ୮୦ତମ ସ୍ୱାଧୀନତା ଦିବସ ସାରା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ପ୍ରତୀକ ଏବଂ ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ଭ୍ରାତୃଭାବର ପ୍ରତୀକ ଭାବରେ ପାଳନ କରାଯାଇଅଛି। ଡି.ଏ.ଭି. ପବ୍ଲିକ୍ ସ୍କୁଲ୍,ପାରାଦ୍ୱୀପ ପୋର୍ଟ ଅଗଷ୍ଟ ୧୫,୨୦୨୬ ରେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରିଅଛି। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତାଙ୍କ ସ୍ୱାଗତ ସମ୍ବର୍ଦ୍ଧନାରୁ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଧୀନତା ଦିବସଟି ଉତ୍ସାହ ଏବଂ ଉଦ୍ଦୀପନାରେ ପରିପୂର୍ଣ୍ଣ ହୋଇଥିଲା କ୍ଷ ଏହି ଅବସରରେ ବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ଗାନ କରାଯାଇଥିଲା ଓ ମୁଖ୍ୟଅତିଥି ପାରାଦ୍ୱୀପ ଉପମୁଖ୍ୟ ଆଇନ ଅଧିକାରୀ ଶ୍ରୀମତୀ ଶ୍ରଦ୍ଧା ଓଝା ଏବଂ ସମ୍ମାନିତ ଅତିଥି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିତୁଠ ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାମଲ ,ସମ୍ମାନିତ ଅଭିଭାବକ ସଦସ୍ୟ ଶ୍ରୀଯୁକ୍ତ ସନ୍ତୋଷ ଭାରତୀ,ନୂଆ ଭାରତର ସ୍ରଷ୍ଟା ରୂପରେ ପ୍ରତିନିଧିତ୍ୱ କରିଥିଲେ ଏବଂ ପତାକା ଉତ୍ତୋଳନ





କରିଥିଲେ ଓ ପତାକା ଉତ୍ତୋଳନ ପରେ ହାଉସ୍ ଲିଡର୍ସ ଏବଂ ବିଭିନ୍ନ ହାଉସର ଛାତ୍ରମାନଙ୍କ ଦ୍ୱାରା ପ୍ୟାରେଡ୍ ହୋଇଥିଲା। ଏହା ପ୍ରକୃତରେ ଏକ ଚମତ୍କାର ଏବଂ ଚକ୍ଷୁ ଦୃଶ୍ୟାନ୍ତକାରୀ ଦୃଶ୍ୟ ଥିଲା। ରାଷ୍ଟ୍ରର ସ୍ୱାର୍ଥ ପାଇଁ ବଳି ଦେଇଥିବା ସାହସୀ ବିଦାୟପ୍ରାପ୍ତ ଅମର ଆତ୍ମାକୁ ସ୍ମରଣ କରିବା ପାଇଁ ସ୍ୱାଧୀନତା ଦିବସର ମହତ୍ତ୍ୱ ଉପରେ ମୁଖ୍ୟ ଅତିଥି ଏକ ଅଭିଭାଷଣ ପ୍ରଦାନ କରିଥିଲେ।ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ସ୍ମରଣ କରି ଛାତ୍ରଛାତ୍ରୀମାନଙ୍କୁ ଦେଶର ଏକତା, ଅଖଣ୍ଡତା ଓ ଉନ୍ନତି ପାଇଁ ଦାୟିତ୍ୱବାନ ନାଗରିକ ହେବାକୁ ପ୍ରେରଣା ଦେଇଥିଲେ । ଦେଶଭକ୍ତିରେ ପରିପୂର୍ଣ୍ଣ ଏକ ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଅଭିଭାଷଣ ଉପସ୍ଥାପନ କରିଥିଲେ ଓ ଜାତୀୟ ମହତ୍ତ୍ୱ କୁ ପରିପ୍ରକାଶ କରିବାରେ ନୃତ୍ୟ ପ୍ରକୃତରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ନୃତ୍ୟ ଉପସ୍ଥାପନ କରିଥିଲେ ଓ ଏଲ୍.କେ.ଜି ଓ ୟୁ.କେ.ଜି.ର ଛୋଟ ଛୋଟ ପିଲାମାନେ ଛଦ୍ମବେଶରେ ନିଜ ହିରୋମାନଙ୍କୁ ଉପସ୍ଥାପିତ କରିବାକୁ ରଙ୍ଗୀନ ପୋଷାକ ପରିଧାନ କରିଥିଲେ। ଛାତ୍ରଛାତ୍ରୀମାନେ ଗୋପବନ୍ଧୁ ଷ୍ଟାଡିୟମକୁ ଯାଇ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ପୃଷ୍ଠପୋଷିତ ଆକୋମନ୍-ଇଣ୍ଟର ପରେଡ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ୟାରେଡ୍ ଏବଂ ହାଉସ୍ ବୋର୍ଡ ସାଜସଜ୍ଜା ବିଜେତାମାନଙ୍କ ସହିତ ବିଭିନ୍ନ ସି.ସି.ଏ. ଇଭେଣ୍ଟଗୁଡିକର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତିଚାରଣ ସହିତ ସମ୍ମାନିତ କରାଯାଇଥିଲା। ଡି.ଏ.ଭି., ପାରାଦ୍ୱୀପ ପୋର୍ଟର ସମଗ୍ର ପରିବାର ଏହାକୁ ଦେଶପ୍ରେମରେ ପରିପୂର୍ଣ୍ଣ କରିଥିବା ଦେଖିବାକୁ ମିଳିଥିଲା, ଏକ ସୁନ୍ଦର ସମାଜ ଗଠନ ଉପରେ ଶପଥପାଠ ସହିତ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା ।

## ଟ୍ୟାକ୍ସ ନେଉଛି ମୁନିସିପାଲିଟି, ନାଳ କରିପାରୁନି ! ନର୍ଦ୍ଦମା ପାଣିରେ ଉମରକୋଟ ବାସୀ

ଉମରକୋଟ (ମହାଭାରତ) ଟ୍ୟାକ୍ସ ଆଦାୟରେ ଆଗୁଆ, ହେଲେ ମୌଳିକ ସୁବିଧା ଦେବାରେ ଫେଲ୍ ! ବର୍ଷା ହେଲେ ରାସ୍ତା ପାଲଟୁଛି ନର୍ଦ୍ଦମା। ଡ୍ରେନ୍ ନଥିବାରୁ ଘର ଆଗରେ ଜମୁଛି ଦୂଷିତ ପାଣି, ଘର ଭିତରକୁ ପଶୁଛି ନର୍ଦ୍ଦମା। ମଶାମାଛି, ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଅତିଷ୍ଠ ହୋଇପଡ଼ିଛନ୍ତି ଲୋକେ ଏ ହେଉଛି ଉମରକୋଟ ମୁନିସିପାଲିଟିର ୫ ନମ୍ବର ୱାର୍ଡ ଦଶହରାପଦା ସାହିର ଚିତ୍ର। ବର୍ଷା ହେଲେ ରାସ୍ତାରେ ଆଉ ରାସ୍ତା ଦେଖାଯାଉନି—ଦେଖାଯାଉଛି କେବଳ ନର୍ଦ୍ଦମା ପାଣି। ଛୋଟ ପିଲାଙ୍କଠାରୁ ବୟସ୍କ, ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରୁଛି ଏହି ଜଳବନ୍ଦୀ ସମସ୍ୟା। ସ୍କୁଲ ଯାଉଥିବା ପିଲାଙ୍କ ଜୋତା ଭିତରେ ପାଣି ପଶୁଛି, ଗୋଡ଼ ଖସି ପଡ଼ି ଆହତ ହେଉଥିବା ଅଭିଯୋଗ ମଧ୍ୟ ରହିଛି। ନର୍ଦ୍ଦମା ପାଣି ଦୀର୍ଘ ସମୟ ଧରି ଜମି ରହିବାରୁ ସାହିରେ ଦୁର୍ଗନ୍ଧ ଅସହ୍ୟ ହୋଇପଡ଼ିଛି । ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିଥିବାରୁ ରୋଗ ବ୍ୟାପିବାର ଆଶଙ୍କାରେ ଲୋକେ ଭୟଭୀତ। ତଥାପି ସମସ୍ୟା ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନଥିବାରୁ ମୁନିସିପାଲିଟି ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ସାହିବାସୀଙ୍କ ଅଭିଯୋଗ—ବାରମ୍ବାର ଅଭିଯୋଗ କରିଛନ୍ତି। ପ୍ରଶାସନକୁ ଜଣାଇଛନ୍ତି, ନେତାଙ୍କୁ ଜଣାଇଛନ୍ତି, ୱାର୍ଡ ମେମ୍ବର, ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଛନ୍ତି। ହେଲେ ଫଳ ଶୂନ୍ୟ ଅଭିଯୋଗ ଶୁଣି ଶୁଣି ଅଧିକାରୀଙ୍କ କାନ ପଥର, ଆଉ ସମସ୍ୟାରେ ପଡ଼ିପଡ଼ି ଲୋକଙ୍କ ଧୈର୍ଯ୍ୟ ଶେଷ ! ଶେଷରେ ମୁନିସିପାଲିଟିକୁ ଅପେକ୍ଷା ନକରି ନିଜ ଟଙ୍କାରେ ନାଳ ତିଆରି କରିଛନ୍ତି ସାହିବାସୀ। ନିଜେ ରାସ୍ତା ସଫା କରିଛନ୍ତି। ଏହା ସହ ଅଳିଆ ଆବର୍ଜନା ସଂଗ୍ରହ ଗାଡ଼ି ମଧ୍ୟ ନିୟମିତ ଆସୁନଥିବା ଅଭିଯୋଗ ହୋଇଛି। ଲୋକଙ୍କ କ୍ଷୋଭ ହୋଲ୍ଡିଂ ଟ୍ୟାକ୍ସ ଦେଉଛୁ, ପାଣି ଟ୍ୟାକ୍ସ ଦେଉଛୁ, ଅନ୍ୟାନ୍ୟ କର ବି ଦେଉଛୁ। ତେବେ ମୌଳିକ ସୁବିଧା ମାଗିଲେ ମୁନିସିପାଲିଟିର ଦାୟିତ୍ୱ କୁଆଡ଼େ ଗଲା ? ଏବେ ଆଉ ଅଭିଯୋଗ ନୁହେଁ, ଚେତାବନୀ ଦେଇଛନ୍ତି ସାହିବାସୀ। ତୁରନ୍ତ ଡ୍ରେନ୍ ନିର୍ମାଣ କରି ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ନକଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ଖୋଲାଖୋଲି ଚେତାଇଛନ୍ତି। ଲୋକଙ୍କ ଟଙ୍କାରେ ଚାଲୁଛି ମୁନିସିପାଲିଟି। ତଥାପି ଲୋକଙ୍କୁ ମିଳୁନି ମୌଳିକ ସୁବିଧା। ନର୍ଦ୍ଦମା ପାଣିରେ ବୁଡ଼ିଥିବା ଦଶହରାପଦା ସାହି ଏବେ ପଚାରୁଛି କେବେ ଭାଙ୍ଗିବ ମୁନିସିପାଲିଟି ପ୍ରଶାସନର ନିଦ ?

# ଦେଶପ୍ରେମ ଭାବନା ସହ ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

ପାରାଦୀପ, (ମହାଭାରତ) : ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଦେଶର ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଦେଶପ୍ରେମ ଭାବନା ସହ ଶନିବାର ଦିନ ପାଳିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଧିକାରୀ ସଙ୍ଘ ଓ କର୍ମଚାରୀ ସଂଘର ସଦସ୍ୟ, ଇଫକୋ ଟାଉନସିପ୍ ?ର ବାସିନ୍ଦା ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ?ର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ଭବ୍ୟ ସମାରୋହର ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଏକ ଆକର୍ଷଣୀୟ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂହ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିଥିଲେ। ବିଶେଷକରି ବର୍ତ୍ତମାନର ବିଶ୍ୱ ଅନିଶ୍ଚିତତା ଏବଂ ପରିବର୍ତ୍ତନଶୀଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ଦେଶର ଅଖଣ୍ଡତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଏକତାକୁ ସୁରକ୍ଷିତ ରଖିବା ପ୍ରତ୍ୟେକ



ନାଗରିକଙ୍କ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। କୃଷକ ସମାଜ ପ୍ରତି ଇଫକୋ ର ପ୍ରତିବଦ୍ଧତା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଥିଲେ ଯେ, ଦେଶର କୃଷକମାନଙ୍କ ସେବା କରିବା ସହ ଇଫକୋ ନିଜର ସମବାୟ ଭାବଧାରାକୁ ଅବିଚଳିତ ଭାବେ ବଜାୟ ରଖିଛି। ସେ କହିଥିଲେ ଯେ ଇଫକୋ କେବଳ ଏକ ସାର ଉତ୍ପାଦନକାରୀ ସଂସ୍ଥା ନୁହେଁ, ବରଂ ଦେଶର କୋଟି କୋଟି କୃଷକଙ୍କ ସମୃଦ୍ଧି, ଦେଶର ଖାଦ୍ୟ ସୁରକ୍ଷା ଏବଂ ଜାତୀୟ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ।
ମାନ୍ୟବର ଚେୟାରମ୍ୟାନ୍ ଶ୍ରୀ ଦିଲୀପ ସଂଘାଣୀ ଜୀ ଏବଂ ମ୍ୟାନେଜିଂ ଡାଇରେକ୍ଟର୍ ଶ୍ରୀ କେ. ଜେ. ପଟେଲ୍ ଜୀଙ୍କ ଦୂରଦୃଷ୍ଟିର ଉଲ୍ଲେଖ କରି ଶ୍ରୀ ସିଂହ କହିଥିଲେ ଯେ, ଇଫକୋ ପ୍ରଯୁକ୍ତିଗତ ଉତ୍କର୍ଷ, ନବସୃଜନ, ଡିଜିଟାଲ୍ ପରିବର୍ତ୍ତନ, ଶକ୍ତି ଦକ୍ଷତା, ପରିବେଶ ସୁରକ୍ଷା, ସୁରକ୍ଷା ବ୍ୟବସ୍ଥା ଏବଂ କୃଷକ-କେନ୍ଦ୍ରିକ ସେବା ମାଧ୍ୟମରେ ଏକ ଅଗ୍ରଣୀ ବିଶ୍ୱ ସମବାୟ ସଂସ୍ଥା ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ। ସେ ସମସ୍ତ କର୍ମଚାରୀଙ୍କୁ ଏହି ଦୂରଦୃଷ୍ଟିକୁ ବାସ୍ତବ ରୂପ ଦେବା ପାଇଁ ସାମୂହିକ ଭାବେ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ସମ୍ପ୍ରତି କିଛି ମାସ ଧରି କଞ୍ଚାମାଲର ଉପଲବ୍ଧତା ଓ ଯୋଗାଣ ସମ୍ପର୍କରେ ସଂସ୍ଥା ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ଗୁଡ଼ିକର ମଧ୍ୟ ଶ୍ରୀ ସିଂହ ଉଲ୍ଲେଖ କରିଥିଲେ। ଏହି ଚ୍ୟାଲେଞ୍ଜ ସତ୍ତ୍ୱେ ୟୁନିଟ୍‌ର ସୁଚାରୁ କାର୍ଯ୍ୟ ପରିଚାଳନା ନିଶ୍ଚିତ କରିବାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ଉତ୍କୃଷ୍ଟ ସମନ୍ୱୟ, ଦୂରଦୃଷ୍ଟି ଓ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଥିଲେ। ପରିବେଶ ସୁରକ୍ଷା ଓ ଶକ୍ତି ଦକ୍ଷତା ସମ୍ପର୍କିତ ଇଫକୋ ର ପଦକ୍ଷେପ ବିଷୟରେ ଶ୍ରୀ ସିଂହ ଆଲୋକପାତ କରିଥିଲେ। ଦେଶର ୨୦୭୦ ସୁଦ୍ଧା ନେଟ୍ ଜିରୋ ଏମିସନ୍ ଲକ୍ଷ୍ୟ ସହ ସମନ୍ୱୟ ରଖି ପାରାଦୀପ ୟୁନିଟ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ। ଏହି ପଦକ୍ଷେପଗୁଡ଼ିକ ଶକ୍ତି ଦକ୍ଷତା ବୃଦ୍ଧି, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ କାର୍ବନ୍ ନିର୍ଗମନ କମାଇବାରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଅବହେଳିତ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକମାନଙ୍କ କଲ୍ୟାଣ, ବିଶେଷକରି ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳର ସମାଜ ପାଇଁ ଜ୍ୟୋତି ଲେଡିଜ୍ କ୍ଲବ୍ ଦ୍ୱାରା ନିରନ୍ତର କରାଯାଉଥିବା ସେବାମୂଳକ କାର୍ଯ୍ୟକୁ ମଧ୍ୟ ଶ୍ରୀ ସିଂହ ପ୍ରଶଂସା କରିଥିଲେ। ଏହି ଅବସରରେ ଇଫକୋ ର ବରିଷ୍ଠ ଅଧିକାରୀ ଓ ପ୍ରମୁଖ ପଦାଧିକାରୀମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ଜେନା, ସଭାପତି, ଇଫକୋ ଅଫିସର୍ସ ଆସୋସିଏସନ ର ସଭାପତି ସୁଶାନ୍ତ କୁମାର ଜେନା ଓ ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ,ଇଫକୋ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଓ ସାଧାରଣ ସମ୍ପାଦକ ତୃପ୍ତି ରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଇଫକୋ ପ୍ରଶାସନିକ ମୁଖ୍ୟ ବିଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସେ ସମସ୍ତ ମାନ୍ୟବର ଅତିଥି, ଅଧିକାରୀ, କର୍ମଚାରୀ, ଆସୋସିଏସନ୍ ଓ ୟୁନିଅନ୍‌ର ପ୍ରତିନିଧି, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ଅନ୍ୟ ସମସ୍ତଙ୍କୁ ସେମାନଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ପାଇଁ କୃତଜ୍ଞତା ଜଣାଇଥିଲେ, ଯାହା ଫଳରେ ସ୍ୱାଧୀନତା ଦିବସ ସମାରୋହ ଏକ ଭବ୍ୟ ସଫଳତାରେ ପରିଣତ ହୋଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପୁଣି ବୁଡ଼ିଲା ବରୀ; ଅନେକ ଗ୍ରାମ ଜଳବନ୍ଦି



ବରୀ,: ଗତ ମାସ ୩୦ ତାରିଖରେ ଆସିଥିବା ବନ୍ୟାରେ ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ୪ଗୋଟି ଘାଇର ଅସ୍ଥାୟୀ ମରାମତିକୁ ନେଇ ରାଜନୈତିକ ଛକାପଞ୍ଝା ଜାରି ରହିଛି। ଘାଇର ଅସ୍ଥାୟୀ ମରାମତିରେ ବିଳମ୍ବ କାରଣରୁ ରବିବାର ଆସିଥିବା ବନ୍ୟାର ଆରମ୍ଭରୁ ପୁଣି ବରୀ ଜଳାର୍ଣ୍ଣବ ହୋଇଯାଇଛି। ବନ୍ୟାରେ ସୃଷ୍ଟି ହୋଇଥିବା ଘାଇ ଗୁଡ଼ିକର ଅସ୍ଥାୟୀ ମରାମତିକୁ ଗୁରୁତ୍ୱ ନଦେଇ କେଉଁ ଦଳର ନେତାଙ୍କ କଥାରେ କେଉଁ ଠିକାଦାର କାମ କରିବ ତାକୁ ନେଇ ରାଜନିତୀ ଆରମ୍ଭ ହୋଇ ଯାଇଥିଲା। ଘାଇର ମରାମତି ଗୁରୁତ୍ୱ ବହନ କରୁଥିଲା ବେଳେ ସଂପୃକ୍ତି ବିଭାଗ ରାଜନେତିକ ଚାପ ଆଗରେ ଚାପି ହୋଇ ପଡ଼ିଥିଲା। ଦୀର୍ଘ ୧୦ ଦିନରୁ ଅଧିକ ସମୟ ଠିକାଦାର ଚୟନରେ ସମୟ ବିତିଯାଇଥିଲା ବେଳେ ଅରୁଆଳ ଘାଇକୁ ଗୋଟିଏ ଦଳର ଚନ୍ଦନପୁର ଘାଇର ମରାମତି କାମ ଅନ୍ୟ ଗୋଟିଏ ଦଳର ଚୟନ ଠିକାଦାରକୁ ସମର୍ପି ଦେଇଥିଲା ଜଳସଂପଦ ବିଭାଗ। ଏପରି ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକୁ ଅଭିଜ୍ଞ ଠିକାଦାର ବଦଳରେ ଦଳିୟ ଭିତିରେ ଦିଆଯାଇଥିଲା ବେଳେ ସଠିକ୍ ସମୟ ମଧ୍ୟରେ ଅସ୍ଥାୟୀ ମରାମତି କାର୍ଯ୍ୟ ମଧ ହୋଇ ପାରି ନଥିଲା। ଯାହାଫଳରେ ରବିବାର ବନ୍ୟା ଆସୁଆସୁ ଘାଇ ଗୁଡ଼ିକ ପୁର୍ନବାର ବନ୍ୟାପାଣି ବୁଡ଼ାଇ ଦେଇଛି। ଏପରିକି ବାଙ୍କସାହି ଘାଇ କାମ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ମୁତାବକ କାମ ହୋଇନଥିବାରୁ ତାହାମଧ ବୁଡ଼ାଇ ବନ୍ୟାସ୍ରୋତ ପ୍ରବାହିତ ହୋଇଛି।ମଧ୍ୟାହ୍ନ ସୁଧା ତିନୋଟି ଘାଇ ଦେଇ ବନ୍ୟାସ୍ରୋତ ପ୍ରବାହିତ ହେଉଥିଲା ବେଳେ ମାଟିଆପଡ଼ା ନଦୀବନ୍ଧ ପ୍ରତି ମଧ ବିପଦ ଦେଖା ଦେଇଛି। ପ୍ରଥମ ବନ୍ୟାରେ ବିଭାଗୀୟ ପୂର୍ବପ୍ରସ୍ତୁତି ଅଭାବରୁ ଘାଇ ସୃଷ୍ଟି ହୋଇଥିଲା ବେଳେ ପରବର୍ତ୍ତୀ ସମୟରେ ଶାସକ ଓ ବିରୋଧୀ ମଧ୍ୟରେ ଠିକା କାମ କିଏ ନେବ କାହା ସମର୍ଥକ ପାଇବେ ତାକୁ ନେଇ ବଳକଷା କଷି ମଧ୍ୟରେ ଦ୍ୱିତୀୟ ବନ୍ୟା ଆରମ୍ଭରୁ ବରୀ ବୁଡ଼ିବା ଆରମ୍ଭ ହୋଇ ଗଲାଣି। ଅପରପକ୍ଷରେ ପ୍ରଥମ ବନ୍ୟା ଠାରୁ ଏଥର ଅଧିକ ପାଣି ଆସୁଥିବାରୁ ବନ୍ୟାର ଭୟାବହ ଅଧିକ ରହିବ ବୋଲି ଜଳସଂପଦ ବିଭାଗର ଅଧିକାରୀଙ୍କୁ ଠାରୁ ସୂଚନା ମିଳିଲାଣି। ବରୀ କଳାମାଟିଆ ରାସ୍ତାର ଅନେକ ସ୍ଥାନରେ ମୁଖ୍ୟରାସ୍ତା ଉପରେ ବନ୍ୟାସ୍ରୋତ ଚାଲିଥିଲା ବେଳେ ବରୀ ତିନିମୁହାଣି ନିକଟରେ ସୃଷ୍ଟି ହୋଇଥିବା ଘୋଳିଆକୁ ସ୍ଥାନୀୟ ଲୋକମାନେ ନିଜେ ମରାମତି କରିବା କାମକୁ ହାତକୁ ନେଇଥିବା ଦେଖିବାକୁ ମିଳିଛି। ସେପଟେ ବ୍ଲକ ପ୍ରଶାସନ ପକ୍ଷରୁ ଚନ୍ଦନପୁର, କିମ୍ବିରିଆପାଳ, ଅଙ୍ଗାଳୋ, ସ୍ୱାଇଁଖଣ୍ଡ ପଞ୍ଚାୟତର ୪ଟି ସ୍ଥାନରେ ରନ୍ଧାଖାଦ୍ୟ ଓ ୪ଟି ପଞ୍ଚାୟତ କେତକ ଜଳବନ୍ଦି ଗ୍ରାମରେ ସୁଖିଲା ଖାଦ୍ୟ ବଣ୍ଟନ ଆରମ୍ଭ କରିଛି। ବରୀକୁ ଘେନେଇ ଆସୁଥିବା ବନ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ୨ଟି ଓଡ୍ରାଫ୍ ଟିମ୍ ବରୀକୁ ଆସିଥିବା ବିଡ଼ିଓ ମିନତୀ ଜଗଦ୍ଦେବ୍ ସୂଚନା ଦେଇଛନ୍ତି। ପ୍ରଥମ ବନ୍ୟା ଠାରୁ ଏବନ୍ୟା ଅଧିକ ରହିବ ବୋଲି ମଧ ସୂଚନା ଦେଇଛନ୍ତି।

## ତୃତୀୟପାଳି ସୋମବାର ପାଇଁ ବିଭିନ୍ନ ଶିବ ମନ୍ଦିରକୁ କାଉଡ଼ିଆଙ୍କ ଯାତ୍ରା ଆରମ୍ଭ



**ଆସିକା,(ମହାଭାରତ):** ପବିତ୍ର ଶ୍ରାବଣ ମାସ ତୃତୀୟ ପାଳି ସୋମବାର ପାଇଁ ଶିବଭକ୍ତ କାଉଡ଼ିଆମାନଙ୍କ ମଧ୍ୟରେ ଉତ୍ସାହ ଓ ଭକ୍ତିର ପରିବେଶ ସୃଷ୍ଟି ହୋଇଛି। ଶ୍ରାବଣ ମାସର ପ୍ରତ୍ୟେକ ସୋମବାର କାନ୍ଧରେ ଜଳଭାର ଧରି ଶୈବପୀଠରେ ଜଳଲାଗି କଲେ ମନସ୍କାମନା ପୂରଣ ହୁଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଆସ୍ଥା ରହିଛି।ଏହି ପରମ୍ପରା ଅନୁଯାୟୀ କାଉଡ଼ିଆମାନେ ବିଭିନ୍ନ ଜଳଘାଟରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରି ପବିତ୍ର ଜଳ ସଂଗ୍ରହ କରିଥାନ୍ତି। ପରେ କାନ୍ଧରେ ଜଳଭାର ଧରି ରାତିସାରା ପଦଯାତ୍ରା କରି ନିର୍ଦ୍ଧାରିତ ଶୈବପୀଠରେ ପହଞ୍ଚିଥାନ୍ତି। ସୋମବାର ପ୍ରାତଃ ସମୟରେ ଶିବ ମନ୍ଦିରରେ ଦର୍ଶନ କରି ମାନସିକ ଜଳ ଶିବଲିଙ୍ଗ ଉପରେ ଲାଗି କରିଥାନ୍ତି।ଏହି କ୍ରମରେ ଆସିକା ଓଡ଼ିଆ ସାହିର ଯୁବକମାନେ ସୁବନେଶ୍ୱର ନିକଟସ୍ଥ ଋଷିକୂଲ୍ୟା ନଦୀଘାଟରେ ପୂଜାର୍ଚ୍ଚନା ଓ ହୋମ କରି ପବିତ୍ର ଜଳ ସଂଗ୍ରହ କରିଛନ୍ତି। ସେମାନେ ଜଳଭାର ଧରି ପାଟପୁର ନିକଟସ୍ଥ ବୁଧେଶ୍ୱର ଶୈବପୀଠ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି।ଅନୁରୂପ ଆସିକା ଜୋକବନ୍ଧ ସାହିର ଯୁବକ ମାନେ ସୁବନେଶ୍ୱର ନିକଟସ୍ଥ ଋଷିକୂଲ୍ୟା ନଦୀଘାଟରେ ପୂଜାର୍ଚ୍ଚନା ଓ ହୋମ କରି ପବିତ୍ର ଜଳ ସଂଗ୍ରହ କରିଛନ୍ତି। ସେମାନେ ଜଳଭାର ଧରି ବୁଗୁଡ଼ା ନିକଟସ୍ଥ କୁବରେଶ୍ୱର ଶୈବପୀଠ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି।ହର ହର ମହାଦେବ ଧ୍ୱନିରେ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

## ଆସିକାରେ କଂଗ୍ରେସର ବିଏଲଏ-୨ ପ୍ରଶିକ୍ଷଣ ଶିବିର

**ଆସିକା (ମହାଭାରତ):** ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଆସିକା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବିଏଲଏ-୨ ମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୋଟର ତାଲିକାରେ ନୂଆ ନାମ ସାମିଲ କରିବା, ତାଲିକାରେ ଥିବା ତ୍ରୁଟି ସଂଶୋଧନ କରିବା ଏବଂ ମୃତ ଭୋଟରଙ୍କ ନାମ ବାଦ ଦେବାର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ କଂଗ୍ରେସ ସଭାପତି ଦଣ୍ଡପାଣି ପାତ୍ର ଯୋଗଦେଇ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିବା ନିଶ୍ଚିତ କରିବା ଦଳର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ବିଏଲଏ-୨ ମାନେ ତୃଣମୂଳ ସ୍ତରରେ ସକ୍ରିୟ ହୋଇ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ସହ ଦଳୀୟ କର୍ମୀମାନେ ଅଧିକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିକା ବ୍ଲକ କଂଗ୍ରେସ ସଭାପତି ଶୁଶାନ୍ତ ରାଉତ, ଶିବ ଶଙ୍କର ସିଅ, ଶତ୍ରୁଘନ ପରିଡ଼ା, ସପନା ବିଷୋୟୀ, ବଳରାମ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିବିରରେ ଆସିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ ୬ବାଇକ ସହ ନଗଦ ୩୨୫୦ ଟଙ୍କା ଜବତ

ଆସିକା (ମହାଭାରତ): ଜୁଆ ଆଡ୍ଡା ଉପରେ ଚଢ଼ାଉ ନଗଦ ୩୨୫୦. ୦୦ ସହ ୬ ବାଇକ ଜବତ କରିଛି ପୋଲିସ । ପ୍ରକାଶ ଥାଉକି ଆସିକା ଥାନା ପକ୍ଷରୁ ସନ୍ଧ୍ୟା ପେଟ୍ରୋଲିଙ୍ଗ ଚାଲିଥିବା ସମୟରେ ସନ୍ଧ୍ୟା ୫. ୩୦ମିନଟ ସମୟରେ ଆସିକା ଥାନା ଅନ୍ତର୍ଗତ ଗାଙ୍ଗପୁର ପଞ୍ଚାୟତ ଅଧୀନ ଦାନ୍ତରିବଗଡ଼ ଗ୍ରାମ ନିକଟ ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ବିଶ୍ୱସ୍ଥ ସୂତ୍ରରୁ ସୂଚନା ପାଇ ଆସିକା ପୋଲିସର ଏକ ଟିମ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରେ ଜୁଆ ଖେଳୁଥିବା ବ୍ୟକ୍ତି ପଳାଇଥିଲା ବେଳେ ସେଠାରେ ଥିବା ନଗଦ ୩୨୫୦.୦୦ ଟଙ୍କା ସହ ଓଡ଼ି ୦୭ ଏଏ ୫୬୨୭,ଓଡ଼ି ୦୭ ପି ୩୨୧୭,ଓଡ଼ି ୩୨ ବି ୭୯୫୫,ଓଡ଼ି ୩୨କେ ୪୧୬୯ ,ଓଡ଼ି ୩୨ଏଲ ୯୨୧୬,ଓ ଆର ୦୭ ଏଫ ୧୨୧୧ ନମ୍ବର ବିଶିଷ୍ଟ ୬ଗୋଟି ବାଇକଓ ଦୁଇଟି ଜରି ପାଲ, ଜବତ କରି ଆସିକା ଥାନା କେସ ନମ୍ବର ୪୩୪/୨୬ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ଗଣିଆରେ ସ୍ୱାଧୀନତା ଦିବସ ପାଳିତ

ଗଣିଆ,(ମହାଭାରତ): ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷବଣ୍ୟନ୍ଦୁ ମହାନ୍ତି, ସରପଞ୍ଚ ଗିରିଧାରୀ ସେଠି, ସମିତି ସଭ୍ୟ ଫକୀର ମୋହନ ଡାକୁଆ ଭାଜପା ଜିଲ୍ଲା ଉପସଭାପତି ଚନ୍ଦ୍ରଶେଖର ଦାସ,ଉପସ୍ଥିତ ରହି ଗଣିଆ ଛକଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସେଠାରେ ଦେଶର ମହାନ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହାପରେ ସାଂସଦ ସ୍ଥାନୀୟ ପି ଏମ ଶ୍ରୀ କିଶୋର ଚନ୍ଦ୍ର ବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ ଯୋଗଦେଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜତୀୟ ପତାକା ଉତ୍ତୋଳନ ବେଳେ ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ?ରେ ଯୋଗଦାନ କରି ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ସ୍ମରଣ କରି ଛାତ୍ରଛାତ୍ରୀ ତଥା ଯୁବପିଢ଼ି ଦେଶ ଗଠନରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛକ୍ଷତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

## ଚୁନିଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ୮୦ତମ ପବିତ୍ର ସ୍ୱାଧୀନତା ଉତ୍ସବ



ଧାମନଗର, (ମହାଭାରତ)ଭଦ୍ରକ ବ୍ଲକ କଲେଇ ପଞ୍ଚାୟତ ତରଫରୁ ୮୦ତମ ପବିତ୍ର ସ୍ୱାଧୀନତା ଦିବସ ଉତ୍ସବ-୨୦୨୬ ଚୁନିଦାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳବାସୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ଲୋକମାନେ ଉତ୍ସାହର ସହିତ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଓ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରିଥିଲେ। ଉତ୍ସବରେ ଉପସ୍ଥିତ ବକ୍ତାମାନେ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାନ ସଂଗ୍ରାମୀମାନଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମର ସ୍ମୃତିଚାରଣ କରିଥିଲେ। ବିଶେଷକରି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ହୃଦାନନ୍ଦ ରାଉତ ଜଣେ ସରଳ, ନିଷ୍ଠାବାନ, ମାନବିକ ଓ ଭଲ ମଣିଷ ଭାବେ ସମସ୍ତଙ୍କ ମନରେ ସ୍ଥାନ ପାଇଥିଲେ। ତାଙ୍କ ଦେଶପ୍ରେମ, ସେବା ଓ ଆଦର୍ଶ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଗରିମାମୟ ଉତ୍ସବରେ ବିଶିଷ୍ଟ ବକ୍ତା ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାଧୀନତାର ମହତ୍ତ୍ୱ, ଦେଶପ୍ରେମ ଓ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ନିଜର ମତାମତ ରଖିଥିଲେ। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ଦେଶ ଗଠନରେ ସାଧାରଣ ଲୋକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଉତ୍ସବରେ ଯୋଗଦେଇ ସ୍ୱାଧୀନତାର ମୂଲ୍ୟବୋଧକୁ ନୂତନ ପିଢ଼ି ମଧ୍ୟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଅତିରିକ୍ତ ଏସ୍ ?ପି ମଧ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ। ଉତ୍ସବ ଅବସରରେ ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ପରିବେଷଣ ଓ ଦେଶମାତୃକା ପ୍ରତି ଶ୍ରଦ୍ଧା ନିବେଦନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ ଦେଶପ୍ରେମ ଭିତ୍ତିକ କାର୍ଯ୍ୟକ୍ରମରେ ଭାଗନେଇ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଦେଶ ପାଇଁ ନିଜ ଜୀବନ ଓ ସର୍ବସ୍ୱ ଉତ୍ସର୍ଗ କରିଥିବା ମହାନ ବ୍ୟକ୍ତିମାନଙ୍କ ତ୍ୟାଗକୁ ସ୍ମରଣ କରିବାର ଏକ ପବିତ୍ର ଦିନ। ଚୁନିଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ଦେଶପ୍ରେମ, ଏକତା ଓ ଭାଇଚାରାର ଭାବନାକୁ ଆହୁରି ଦୃଢ଼ କରିଥିଲା। ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ଭଳି ମହାନ ବ୍ୟକ୍ତିଙ୍କ ଆଦର୍ଶକୁ ମନେ ରଖି ଦେଶ ଓ ସମାଜର ଉନ୍ନତି ପାଇଁ ସମସ୍ତେ ଏକାଠି କାମ କରିବାକୁ ଉପସ୍ଥିତ ବକ୍ତାମାନେ ଆହ୍ୱାନ ଦେଇଥିଲେ।ସମଗ୍ର କାର୍ଯ୍ୟକ୍ରମ ଉତ୍ସାହ, ଶୃଙ୍ଖଳା ଓ ଦେଶପ୍ରେମର ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଏହି ଐତିହାସିକ ଦିବସକୁ ନେଇ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।

## ଚୋରି ହୋଇଥିବା ସୁନା ଓ ରୁପା ଅଳଙ୍କାର ଜବତ



ଆସିକା (ମହାଭାରତ): ଆସିକା ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ ଦ୍ୱାରା ଛତିଶଗଡ଼ ରାଜ୍ୟ ସୀତାପୁର ଥାନା ଅଞ୍ଚଳରୁ ନିକଟରେ ଚୋରି ଯାଇଥିବା ୫୦ଲକ୍ଷ ସୁନା ଅଳଙ୍କାର କୁ ଜବତ ଘଟଣାରେ ଆଜି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଗତ ୨୬/୦୭/୨୦୨୬ ତାରିଖରେ ଛତିଶଗଡ ରାଜ୍ୟ ସରଗୁଜା ଜିଲ୍ଲା ସୀତାପୁର ଥାନା ଅଞ୍ଚଳରେ କାଶୀ ବିଶ୍ୱନାଥ ନାମକ ଅରୁଣ ଦେବ ସୋନି ଏକ ଜୁଏଲର୍ସ ଦୋକାନୀ ପ୍ରତିଦିନ ଭଳି ସକାଳ ୧୧.୩୦ ମିନଟରେ ନିଜ ଦୋକନ ଖୋଲିବା ପାଇଁ ନିଜ ସ୍କୁଟିରେ ଆସି ନିଜ ଦୋକାନ ସମ୍ମୁଖରେ ସ୍କୁଟି ଉପରେ ଗହଣା ବ୍ୟାଗ ରଖି ଦୋକାନ ଖୋଲିବା ସମୟରେ ହଠାତ ଦୁଇଟି ବାଇକରେ ଚାରିଜଣ ଆସି ସ୍କୁଟି ଉପରେ ରଖିଥିବା ଗହଣା ଭର୍ତ୍ତି ବ୍ୟାଗ ଟିକୁ ଝାମ୍ପି ନେଇ ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ଦୋକନ ମାଲିକ ସୀତାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୀତାପୁର ପୋଲିସ ୨୯୬/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ଏହି ଘଟଣାରେ ଆସିକା ଉପଖଣ୍ଡ ପୋଲିସ ଇଲାକା ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇ ବିଭିନ୍ନ ସ୍ଥାନରେ ଚାଢ଼ାଓ କରି ସୋରଡ଼ାର ଗୋଟିଏ ସାହିରୁ ଚୋରି ଯାଇଥିବା ୧କିଲୋ ୪୦୦ଗ୍ରାମର ରୁପା ସୁନା ୩୦୦ ଗ୍ରାମ ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ଜବତ କରିଥିଲା ବେଳେ ଚୋର କୁ ପୋଲିସ ଧରିବାରେ ସଫଳ ହୋଇନଥିଲା। ଏହି ଚଢ଼ାଉରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ସୋରଡ଼ା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଛତିଶଗଡ ସାଇବର ସେଲ ହବଲଦାର ଭୋଜରାଜ ପାଶ୍ୱାନ,ବିକାଶ ସିନ୍ହା , ଅନୁଜ ଯେଶ୍ୱାଳ, ଅମନ ପୁରୀ, ସୀତାପୁର ଥାନା ଏସ ଆଇ ରଘୁନାଥ ରାମ ଭଗତ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ଆସିକା ଏସ୍ଡିପିଓ ସୂଚନା ଦେଇଛନ୍ତି।

## ଇଣ୍ଡିଆନ୍ଅଏଲ୍ ପାରାଦୀପ ରିଫାଇନେରୀ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ସମାରୋହରେ ପାଳିତ



ପାରାଦୀପ(ମହାଭାରତ): ଇଣ୍ଡିଆନ୍ଅଏଲ୍ ପାରାଦୀପ ରିଫାଇନେରୀ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ଦେଶଭକ୍ତି ପରିବେଶ ଓ ଉତ୍ସାହର ସହିତ ଶନିବାର ଦିନ ପାଳିତ ହୋଇଯାଇଛି । ପାରାଦୀପ ରିଫାଇନେରୀ ପ୍ରାୟ ସମସ୍ତ ଅନ୍ତେବାସୀ ଷ୍ଟାଡିୟମରେ ଉପସ୍ଥିତ ହୋଇ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ରିଫାଇନେରୀ ଟାଉନସିପ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମ ଠାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପାରାଦୀପ ରିଫାଇନେରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନେରୀ ମୁଖ୍ୟ ଶ୍ରୀ କୌଶକି ବସୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ବସୁ ପାରାଦୀପ ରିଫାଇନେରୀ, ଏହି ଅଞ୍ଚଳର ଅନ୍ତର୍ଭୁକ୍ତି ମୂଳକ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ସହ ପିଏକ୍ସ-ପିଟିଏ, ଏଭି ଗ୍ୟାସ, ଭଦ୍ରକ ଟେକ୍ସଟାଇଲ ଭଳି ନୂତନ ପ୍ରକଳ୍ପ ଗୁଡିକ ଓଡିଶାର ଶିଳ୍ପ ଅଭିବୃଦ୍ଧି କାହାଣୀ ର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଷ୍ଟାଡିୟମରେ ଡିପିଏସ୍ ପାରାଦୀପ ରିଫାଇନେରୀର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ ସହିତ ସ୍ୱାଧୀନତା ଦିବସ ପାଳନ ସମାପ୍ତ ରହାଇଥିଲା। ସ୍ୱାଧୀନତା ଦିବସ ଅବସରରେ, ପାରାଦୀପ ରିଫାଇନେରୀ ପକ୍ଷରୁ ନିକଟସ୍ଥ ଅନାଥାଶ୍ରମ କୁ ଅତ୍ୟାବଶକୀୟ ସାମଗ୍ରୀ ବଣ୍ଟନ କରାଯାଇ ସେଠାକାର ଅନ୍ତେବାସୀଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ।

## ଘରପାଖରେ ଛିଣ୍ଡି ପଡ଼ିଲା ୧୧ କେଭି ବିଦ୍ୟୁତ ତାର

ଗଣିଆ,(ମହାଭାରତ): ଗଣିଆ ଥାନା ଅନ୍ତର୍ଗତ କୃଷ୍ଣପଲ୍ଲୀ ଗ୍ରାମରେ ଏକ ଅଭାବନୀୟ ବିପଦରୁ ଅଳ୍ପକେ ରକ୍ଷା ପାଇଛନ୍ତି ସ୍ଥାନୀୟ ଲୋକେ। ବର୍ଷା ସମୟରେ ଘର ଉପର ଦେଇ ଯାଇଥିବା ଏକ ୧୧ କେଭି ହାଇଭୋଲଟେଜ୍ ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ତଳେ ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ଘଟଣାସ୍ଥଳରେ ଥିବା ଗୃହପାଳିତ ପ୍ରାଣୀ ଓ ପରିବାର ଲୋକେ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, କୃଷ୍ଣପଲ୍ଲୀ ଗ୍ରାମର ରାଜକିଶୋର ପରିଡ଼ାଙ୍କ ଘର ଉପର ଦେଇ ଦୀର୍ଘ ଦିନରୁ ବିପଦପୂର୍ଣ୍ଣ ଭାବେ ୧୧ କେଭି ବିଦ୍ୟୁତ ଲାଇନ୍ ଯାଇଛି। ବର୍ଷା ହେଉଥିବା ସମୟରେ ହଠାତ୍ ତାରଟି ଛିଣ୍ଡି ପଡ଼ିବାରୁ ଚାରିଆଡ଼େ ବିଦ୍ୟୁତ୍ ସ୍ପାର୍କ ହୋଇ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସେହି ସମୟରେ ପାଖରେ ଥିବା ଗୋରୁଗାଈ ଅଳ୍ପକେ ମୃତ୍ୟୁମୁଖରୁ ରକ୍ଷା ପାଇଥିଲେ।ଏହି ବିପଦଜନକ ଲାଇନ୍ ଯୋଗୁଁ ଗ୍ରାମର ବାସିନ୍ଦା ସବୁବେଳେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ରାସ୍ତା କଡ଼ରେ ବିକଳ୍ପ ଲାଇନ୍ ନିର୍ମାଣ ହୋଇଥିଲେ ମଧ ତାହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇ ନାହିଁ। ତୁରନ୍ତ ଘର ଉପରୁ ବିପଦପୂର୍ଣ୍ଣ ଲାଇନ ତାରକୁ ହଟାଇ ରାସ୍ତା ପାର୍ଶ୍ୱ ଲାଇନ୍‌କୁ ସଂଯୋଗ କରିବା ପାଇଁ ଗ୍ରାମବାସୀ ଗଣ୍ଡିଆ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

## ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲାସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ ଜନନାୟକ ଅଟଳବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସମ୍ମାନର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଏଅବସରରେ ବକ୍ତାମାନେ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱ, ନିଷ୍ଠା, ସରଳତା ଓ ରାଷ୍ଟ୍ରସେବାର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ରାଜନୀତିରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ବିକାଶ ପାଇଁ ତାଙ୍କ ଚିନ୍ତାଧାରା ଆଜି ମଧ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ବୋଲି ଉପସ୍ଥିତ ନେତା ଓ କର୍ମୀମାନେ କହିଥିଲେ।କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଜୀବନୀ ଓ ରାଷ୍ଟ୍ର ପାଇଁ ତାଙ୍କର ଐତିହାସିକ ଅବଦାନକୁ ସ୍ମରଣ କରାଯାଇଥିଲା। ତାଙ୍କ ଆଦର୍ଶ ଓ ନୀତିକୁ ଅନୁସରଣ କରି ସମାଜ ତଥା ଦେଶର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।ଶେଷରେ ଉପସ୍ଥିତ ସମସ୍ତେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରି ତାଙ୍କ ଅମର ଆଦର୍ଶ ଓ ରାଷ୍ଟ୍ରପ୍ରତି ସମର୍ପିତ ଜୀବନକୁ ଶତ ଶତ ପ୍ରଣାମ ଜଣାଇଥିଲେ।

## ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ 'ନିଜେ ନିଜକୁ ଚିହ୍ନିବା' କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି (ମହାଭାରତ): ପରିସରରେ ରବିବାର ଏକ ସ୍ୱତନ୍ତ୍ର ସଂସ୍କାରମୂଳକ କାର୍ଯ୍ୟକ୍ରମ 'ନିଜେ ନିଜକୁ ଚିହ୍ନିବା' ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର ଓଁକାର ଧ୍ୱନି ଏବଂ ଶାନ୍ତି ପ୍ରାର୍ଥନାରୁ କରାଯାଇଥିଲା। ଏହି ଅବସରରେ ଅଗଷ୍ଟ ୧୬ ତାରିଖର ଐତିହାସିକ ମହତ୍ତ୍ୱ ଉପରେ ଆଲୋକପାତ କରାଯାଇ ଯୁଗପୁରୁଷ ଶ୍ରୀ ରାମକୃଷ୍ଣ ପରମହଂସ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।ଉକ୍ତ ଶିବିରରେ ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ, ନୈତିକ ଶିକ୍ଷା, ସାମାଜିକ ଶିଷ୍ଟାଚାର ତଥା ପରିଷ୍କାର-ପରିଚ୍ଛନ୍ନତା ବିଷୟରେ ମାର୍ଗଦର୍ଶନ ଦିଆଯାଇଥିଲା। ଏହା ସହିତ ପିଲାମାନଙ୍କ ମଧ୍ୟରେ ସୃଜନଶୀଳ ଗତିବିଧି ଓ ଶିକ୍ଷଣୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସମୂହ 'ବନ୍ଦେ ମାତରମ୍' ଗାନ ସହ କାର୍ଯ୍ୟକ୍ରମର ସାଙ୍ଗ ହୋଇଥିଲା।

# ସମୁଦ୍ରରେ 'ସାଇଲେଣ୍ଟ୍ କିଲର' ମୁତୟନ କରିବ ଭାରତ

ନୂଆଦିଲ୍ଲୀ: ଭାରତ ମହାସାଗରରେ ଚୀନ୍‌ର ବଢୁଥିବା ଚ୍ୟାଲେଞ୍ଜ ମଧ୍ୟରେ, ଭାରତୀୟ ନୌସେନାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବାକୁ ଯାଉଛି। ଭାରତ ଏବଂ ଜର୍ମାନୀ ମଧ୍ୟରେ ଛଅଟି ଅତ୍ୟାଧୁନିକ ପାରମ୍ପରିକ ବୁଡ଼ାଜାହାଜ ନିର୍ମାଣ ପାଇଁ ଦୀର୍ଘ ପ୍ରତୀକ୍ଷିତ ମେଗା-ଡିଲ୍, 'ପ୍ରୋଜେକ୍ଟ ୭୫-ଆଇ' ଏବେ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୭୦ ହଜାର କୋଟି ଟଙ୍କାର ଏହି ପ୍ରତିରକ୍ଷା ଚୁକ୍ତି ପାଇଁ ପ୍ରସ୍ତାବ ଖୁବ୍ ଶୀଘ୍ର ସୁରକ୍ଷା ପ୍ରସଙ୍ଗର କ୍ୟାବିନେଟ୍ କମିଟି (ସିସିଏସ) ସମ୍ମୁଖରେ ଉପସ୍ଥାପିତ ହେବାର ଆଶା କରାଯାଉଛି। ସିସିଏସ ସବୁଜ ସଙ୍କେତ ଦେବା ପରେ, ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଅନ୍ତର୍ଗତ ଛଅଟି ବୁଡ଼ାଜାହାଜ ମୁଖ୍ୟତଃ ଭାରତରେ ମୁମ୍ବାଇ-ଭିତ୍ତିକ ମାଜାଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ) ଦ୍ୱାରା ଜର୍ମାନ ବିଶାଳ ଥାଇସେନକ୍ରୁପ୍ ମାରିନ୍



ସିଷ୍ଟମ୍ସ (ଟିକେଏମଏସ) ସହ ମିଳିତ ଭାବେ ରଣନୈତିକ ସହଭାଗୀତାରେ ନିର୍ମାଣ କରାଯିବ।ଏହି ଚୁକ୍ତି ନୌସେନାର ଶକ୍ତି ବୃଦ୍ଧି କରିବା ସହିତ ଘରୋଇ ପ୍ରତିରକ୍ଷା ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଭାରତର ପ୍ରାଥମିକ ଲକ୍ଷ୍ୟ ହେଉଛି ଉପକରଣଗୁଡ଼ିକୁ ଏକତ୍ର କରି ଭବିଷ୍ୟତରେ ବୁଡ଼ାଜାହାଜ ନିର୍ମାଣ, ରକ୍ଷଣାବେକ୍ଷଣ, ଅପଗ୍ରେଡ୍ ଏବଂ ନିର୍ମାଣ କରିବା ପାଇଁ ନିଜର ସ୍ୱଦେଶୀ ଡିଜାଇନ୍ କ୍ଷମତା ବିକଶିତ କରିବା।

ଏହି ଅତ୍ୟାଧୁନିକ ବୁଡ଼ାଜାହାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଏହାର ଉନ୍ନତ ଏୟାର-ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍ସନ୍ (ଏଆଇପି) ପ୍ରଯୁକ୍ତିବିଦ୍ୟା, ଯାହା ପାରମ୍ପରିକ ଡିଜେଲ-ଇଲେକ୍ଟ୍ରିକ୍ ବୁଡ଼ାଜାହାଜ ପରି ବାରମ୍ବାର ଉପରକୁ ନଉଠି ସପ୍ତାହ ସପ୍ତାହ ଧରି ପାଣି ତଳେ ଲମ୍ବା ସମୟ ପାଟ୍ରୋଲିଂ କରିବା ସୁବିଧା ଉପଲବ୍ଧ କରାଇବ। ଏହା ସହିତ ବୁଡ଼ାଜାହାଜରେ ଆଧୁନିକ ସୋନାର୍, ଉନ୍ନତ ସେନ୍ସର, ହେଭିୱେଟ୍ ଟର୍ପେଡୋ, ସ୍ଥଳ-ଆକ୍ରମଣ ଏବଂ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀ ଭଳି ଘାତକ ଅସ୍ତ୍ରଶସ୍ତ୍ର ରହିବ। ଉତ୍କୃଷ୍ଟ ଗୁପ୍ତ କ୍ଷମତା ଯୋଗୁଁ, ଗଭୀର ଜଳରେ ନୀରବରେ କାର୍ଯ୍ୟ କରିବ। ଏହାକୁ ଶତ୍ରୁ ରାଡାର ଏବଂ ସୋନାର୍ ଟ୍ରାକ୍ କରିବା ପ୍ରାୟତଃ ଅସମ୍ଭବ ହେବ।

ଭାରତୀୟ ନୌସେନା ବର୍ତ୍ତମାନ ଏହାର ପାରମ୍ପରିକ ବୁଡ଼ାଜାହାଜ ନୌବାହିନୀର ଅଭାବ ସହିତ ସଂଘର୍ଷ କରୁଛି। ଯେତେବେଳେ ଭାରତ ମହାସାଗର ଅଞ୍ଚଳରେ ଚୀନ୍ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜର ଗତିବିଧି ନିରନ୍ତର ବୃଦ୍ଧି ପାଉଛି, ଏହି ଛଅଟି ନୂଆ ବୁଡ଼ାଜାହାଜ ଭାରତକୁ ଏକ ଶକ୍ତିଶାଳୀ ରଣନୈତିକ ସୁବିଧା ପ୍ରଦାନ କରିବ ବୋଲି କୁହାଯାଉଛି।

ଭାରତ ଏବଂ ଜର୍ମାନୀ ମଧ୍ୟରେ ଏହି ପ୍ରତିରକ୍ଷା ସମ୍ପର୍କ ନୂଆ ନୁହେଁ। ଭାରତୀୟ ନୌସେନା ୧୯୮୦ ଦଶକରୁ ଜର୍ମାନ-ଡିଜାଇନ୍ ଶିଶୁମାର-କ୍ଲାସ୍ ଟାଇପ୍ ୨୦୯ ବୁଡ଼ାଜାହାଜଗୁଡ଼ିକୁ ସଫଳତାର ସହ ପରିଚାଳନା କରିଆସୁଛି। ସେସବୁ ମାଜାଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍‌ରେ ମଧ୍ୟ ନିର୍ମିତ ହୋଇଥିଲା। ପୂର୍ବରୁ ଫ୍ରାନ୍ସ ସହିତ ସହଯୋଗରେ ମାଜାଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍‌ରେ ଛଅଟି କାଲଭାରୀ-କ୍ଲାସ୍ ବୁଡ଼ାଜାହାଜ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏବେ, ଜର୍ମାନୀ ସହିତ ଏହି ନୂତନ ଚୁକ୍ତି ଭାରତର ସାମୁଦ୍ରିକ ସୀମାକୁ ଏକ ଅଭେଦ୍ୟ ସୁରକ୍ଷା ପ୍ରଦାନ କରିବ।

# ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ଏକ ସୁଚିନ୍ତିତ ରାଜନୈତିକ ଷଡଯନ୍ତ୍ର

## ହରସିମରତ କୌର ବାଦଲଙ୍କ ଅଭିଯୋଗ



ଚଣ୍ଡିଗଡ଼:ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂହ ବାଦଲଙ୍କ ପତ୍ନୀ ଏବଂ ଭଟିଣ୍ଡାର ଲୋକସଭା ସାଂସଦ ହରସିମରତ କୌର ବାଦଲ, ମହାରାଷ୍ଟ୍ରର ନାନ୍ଦେଡରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଏକ ବିବୃତି ଜାରି କରିଛନ୍ତି। ଏହି ଆକ୍ରମଣକୁ ସୁଚିନ୍ତିତ ରାଜନୈତିକ ଷଡଯନ୍ତ୍ର ବୋଲି ଅଭିହିତ କରି ସେ କହିଛନ୍ତି ଯେ ଏହା ପଛରେ ଯିଏ ବି ଅଛି ତାଙ୍କୁ ଶିଖ୍ କୁହାଯାଇପାରିବ ନାହିଁ। ଏହି ଘଟଣାର ମୂଳକୁ ଯିବା ପାଇଁ, ମୁଁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ କରିବାକୁ ଅନୁରୋଧ କରିଛି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖିଛି। ଷଡଯନ୍ତ୍ରର ପର୍ଦ୍ଦାଫାସ କରିବା ପାଇଁ ଏହି ମାମଲାର ତଦନ୍ତ ଜାତୀୟ ତଦନ୍ତ ସଂସ୍ଥା ଦ୍ୱାରା କରାଯିବା ଉଚିତ୍ ବୋଲି ସେ କହିଛନ୍ତି। ଏହା ଗୋଟିଏ ବର୍ଷ ମଧ୍ୟରେ ସୁଖବୀର ସିଂହ ବାଦଲଙ୍କ ଉପରେ ଦ୍ୱିତୀୟ ଆକ୍ରମଣ। ୨୦୧୫ ପରଠାରୁ ପଞ୍ଜାବର ଶାନ୍ତି ବିପର୍ଯ୍ୟସ୍ତ କରିବା ପାଇଁ ଏହି ଷଡଯନ୍ତ୍ର ରଚା ଯାଇଥିବା ସେ ଅଭିଯୋଗ କରିଛନ୍ତି। ସୁଖବୀର ସିଂହ ବାଦଲ ପୂର୍ବରୁ କହିସାରିଛନ୍ତି ଯେ ସେ କୌଣସି ଦେଶ ବିରୋଧୀ ଶକ୍ତି ଦ୍ୱାରା ଭୟଭୀତ ହେବେ ନାହିଁ। ହରସିମରତ କହିଛନ୍ତି, ସୁଖବୀର ସିଂହ ସୁସ୍ଥ ହୋଇ ଖୁବ୍ ଶୀଘ୍ର ପଞ୍ଜାବରେ ରାଜନୈତିକ ରାଲିରେ ଅଂଶଗ୍ରହଣ କରିବେ। ୧୩ ଅଗଷ୍ଟରେ ମହାରାଷ୍ଟ୍ରର ନାନ୍ଦେଡ଼ର ଏକ ଗୁରୁଦ୍ୱାର ବାହାରେ ସୁଖବୀର ସିଂହ ବାଦଲ ତାଙ୍କ ପରିବାର ସହିତ ଦର୍ଶନ କରି ଫେରୁଥିବା ସମୟରେ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ହରସିମରତ କହିଛନ୍ତି, ସୁଖବୀର ବାଦଲଙ୍କୁ ୧୫୦ଟି ଷ୍ଟିଚ୍ ଲାଗିଛି ଏବଂ ତାଙ୍କ ଡାହାଣ ହାତର ହାଡ଼ରେ ଆଘାତ ଲାଗିଛି। ଉଲ୍ଲେଖନୀୟ ଯେ ଦୁଇ ବର୍ଷ ପୂର୍ବରୁ, ଡିସେମ୍ବର ୨୦୨୪ରେ, ସୁଖବୀର ସିଂହ ବାଦଲଙ୍କୁ ସ୍ୱର୍ଣ୍ଣ ମନ୍ଦିର ବାହାରେ ଆକ୍ରମଣ କରାଯାଇଥିଲା, କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ଲିଭରପୁଲ୍ ଏଫ୍‌ସିର ୩୦ ପ୍ରତିଶତ ଅଂଶୋଧନ କିଣିବେ ବ୍ରିଟିସ୍-ଭାରତୀୟ ଉଦ୍ୟୋଗୀ ଅମିତ ଭାଟିଆ




ଲଣ୍ଡନ : ଭାରତୀୟ ଇସ୍ପାତ ବ୍ୟବସାୟୀ ଲକ୍ଷ୍ମୀ ମିତ୍ତଲଙ୍କ ଜାମାତା ବ୍ରିଟିଶ-ଭାରତୀୟ ଉଦ୍ୟୋଗୀ ଅମିତ ଭାଟିଆଙ୍କ ନେତୃତ୍ୱାଧୀନ ଏକ କନସୋର୍ଟିୟମ ପ୍ରାୟ ୧.୭ ବିଲିୟନ୍ ୟୁରୋ ବା ଭରତୀୟ ମୁଦ୍ରା ୧୮,୬୧୫ କୋଟି ଟଙ୍କାରେ ଲିଭରପୁଲ ଏଫ୍‌ସି ୩୦ ପ୍ରତିଶତ ଅଂଶୋଧନ କିଣିବ । ଲିଭରପୁଲ ଏଫ୍‌ସି ମାଲିକ ଫେନ୍‌ୱେ ସ୍ପୋର୍ଟ୍ସ ଗ୍ରୁପ୍ (ଏଫ୍‌ଏସ୍‌ଜି) ୨୦୧୦ରେ ୩୦୦ ମିଲିୟନ୍ ୟୁରୋ (ପ୍ରାୟ ୩୨୮୫ କୋଟି ଟଙ୍କା)ରେ କ୍ଲବ୍‌କୁ କିଣିଥିଲା । ଏହାର କିଛି ସେୟାର ବିକ୍ରି କରିବା ଲାଗି '୧୮୯୨ ହୋଲ୍‌ଡିଂ' କମ୍ପାନି ସହ ଚୁକ୍ତି ହୋଇଛି ।

ଲିଭରପୁଲ୍ ଏଫ୍‌ସି ପ୍ରତିଷ୍ଠା ବର୍ଷ (୧୮୯୨) ନାଁରେ ହୋଇଥିବା କମ୍ପାନିର ନେତୃତ୍ୱ ଅମିତ ନେଉଛନ୍ତି । ଏହି କନସୋର୍ଟିୟମ୍‌ରେ ଭାଟିଆ ଓ ମିତ୍ତଲ ପରିବାର ଟ୍ରଷ୍ଟ ସହ ଆମଜନ ପ୍ରତିଷ୍ଠାତା ଜେଫ ବେଜୋସଙ୍କ କେ୫ ସ୍ପୋର୍ଟ୍ସ, ଫେସ୍‌ବୁକ୍ ସହପ୍ରତିଷ୍ଠାତା ଏଡୁଆର୍ଡୋ ସାଭେରିନ୍ ଓ ତାଙ୍କ ପତ୍ନୀ ଇଲାଇନ୍‌ଙ୍କ ପାରିବାରିକ ଅଫିସ୍ ଇଇ କ୍ୟାପିଟାଲ୍ ନିବେଶ କରିଛନ୍ତି । ଏଫ୍‌ଏସ୍‌ଜି ବିଶ୍ୱର ଚତୁର୍ଥ ସର୍ବାଧିକ ମୂଲ୍ୟବାନ ଫୁଟ୍‌ବଲ୍ କ୍ଲବ୍ ଲିଭରପୁଲ୍ ଏଫ୍‌ସିର ଅଧିକାଂଶ ସେୟାର ପାଖରେ ରଖିବା ସହ ଏହାର ପରିଚାଳନା ନିଜ ନିୟନ୍ତ୍ରଣ ରଖିବ । ନୂଆ ନିବେଶ ଚୁକ୍ତି ହେବା ପରେ କୁଇନ୍ସ ପାର୍କ ରେଞ୍ଜର୍ସର ପୂର୍ବତନ ନିର୍ଦ୍ଦେଶକ ଅମିତ ଲିଭରପୁଲର ନୂଆ ଉପାଧ୍ୟକ୍ଷ ହେବେ ।

# ଭୂମିକମ୍ପ ଯୋଗୁଁ ଶୁଳ୍କ ସ୍ଥଗିତ ରଖିବାକୁ ଟ୍ରମ୍ପଙ୍କୁ ଅନୁରୋଧ କଲେ କଲମ୍ବିଆ ରାଷ୍ଟ୍ରପତି

ବୋଗୋଟା: କଲମ୍ବିଆର ନୂତନ ରାଷ୍ଟ୍ରପତି, ଆବେଲାର୍ଡୋ ଡେ ଲା ଏସ୍ପିଏଲା, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଟେଲିଫୋନରେ ୧୦ ମିନିଟ କଥା ହୋଇଛନ୍ତି। ସେ କଲମ୍ବିଆର ଉତ୍ପାଦଗୁଡ଼ିକ ଉପରେ ନୂତନ ଶୁଳ୍କକୁ ଅସ୍ଥାୟୀ ଭାବରେ



ସ୍ଥଗିତ ରଖିବାକୁ ଟ୍ରମ୍ପଙ୍କୁ ଅନୁରୋଧ କରିଛନ୍ତି। କଲମ୍ବିଆରେ ଭୂମିକମ୍ପ ଘଟି ବହୁ କ୍ଷୟକ୍ଷତି ହୋଇଛି। ଆବେଲାର୍ଡୋ କହିଛନ୍ତି, ସମ୍ପ୍ରତି ଏହି ବର୍ଦ୍ଧିତ ଶୁଳ୍କକୁ ସ୍ଥଗିତ କରିବା ଅତ୍ୟନ୍ତ ଜରୁରୀ। ଜୁଲାଇ ଶେଷରେ ଏହି ଶୁଳ୍କକୁ ୧୦% ରୁ ୧୨.୫% କୁ ବୃଦ୍ଧି କରାଯାଇଥିଲା। ତେବେ କଫି ଏବଂ ତେଲ ଭଳି କେତେକ ଉତ୍ପାଦକୁ ଛାଡ କରାଯାଇଥିଲା। ୧୦ ଅଗଷ୍ଟ, ୨୦୨୬ରେ ହୋଇଥିବା ୭.୪ ତୀବ୍ରତାଯୁକ୍ତ ଭୂମିକମ୍ପରେ କଲମ୍ବିଆ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା। ପ୍ରାୟ ୩୦୦ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୩ ହଜାରରୁ ଅଧିକ ଘର ନଷ୍ଟ ହୋଇଯାଇଥିଲା। ପୂର୍ବରୁ ଦେଶର ଅର୍ଥନୀତି ଦୁର୍ବଳ ରହିଛି। ଏହି ଛାଡ଼ ଦେଶକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ। ଯୁକ୍ତରାଷ୍ଟ୍ର ହେଉଛି କଲମ୍ବିଆର ସର୍ବବୃହତ ରପ୍ତାନି ବଜାର। ଆବେଲାର୍ଡୋ ଟ୍ରମ୍ପଙ୍କୁ କହିଛନ୍ତି, ଆମ ସମ୍ମୁଖରେ ଏକ ବଡ଼ ଚ୍ୟାଲେଞ୍ଜ ଅଛି। ମୁଁ ଉତ୍ତରାଧିକାରୀ ଭାବରେ ପାଇଥିବା ଅତ୍ୟନ୍ତ କଷ୍ଟକର ଏବଂ ବିନାଶକାରୀ ଆର୍ଥିକ ପରିସ୍ଥିତି ମଧ୍ୟରେ କଲମ୍ବିଆକୁ ପୁନଃନିର୍ମାଣ କରିବାକୁ ଚେଷ୍ଟା କରୁଛି। ଆବେଲାର୍ଡୋ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି,ଆଲୋଚନା ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଥିଲା। ଟ୍ରମ୍ପ ଭୂମିକମ୍ପ ପୀଡିତଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ ଏବଂ ସେମାନଙ୍କୁ ସାହାଯ୍ୟର ଆଶ୍ୱାସନା ଦେଇଥିଲେ।

# ବାରାଣସୀ ବିମାନବନ୍ଦରରେ ପିସ୍ତଲ ଯାଞ୍ଚ୍ ବେଳେ ଫୁଟିଲା ଗୁଳି: ୨ ଆହତ

ବାରାଣସୀ: ଉତ୍ତର ପ୍ରଦେଶର ବାରାଣସୀର ବାବତପୁରର ଲାଲ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲରେ ଅସ୍ତ୍ରଶସ୍ତ୍ର ଯାଞ୍ଚ୍ ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଛି। ଫଳରେ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆହତ ମହିଳାଙ୍କ ନାମ ସୁମନ କୁମାରୀ ଏବଂ ଯୁବକଙ୍କ ନାମ ରୋହିତ ରାଜ। ମହିଳାଙ୍କ ଡାହାଣ ଜଙ୍ଘରେ ଆଘାତ ଲାଗିଛି। ସେହିପରି ଯୁବକଙ୍କର ହାତରେ ଗୁଳି ଲାଗିଛି। ଘଟଣା ପରେ ଟର୍ମିନାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଆହତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହରହୁଆର ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି। ବିମାନବନ୍ଦର ନିର୍ଦ୍ଦେଶକଙ୍କ ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୯:୩୦ ସମୟରେ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆର ବିମାନ ଆଇଏକ୍ସ-୧୮୧୦ରେ ପତ୍ନୀଙ୍କ ସହିତ ଯାତ୍ରା କରୁଥିବା ଜଣେ ଯାତ୍ରୀ ନିଜ ପାଖରେ ପିସ୍ତଲ ଏବଂ ମାଗାଜିନ ଥିବା ସୂଚନା ପ୍ରଦାନ କରିଥିଲେ। ସୁରକ୍ଷା କର୍ମୀମାନେ ବିମାନରେ ଥିବା ଘୋଷିତ ଅସ୍ତ୍ର ଯାଞ୍ଚ କରୁଥିବା ସମୟରେ ଅସାବଧାନତା ଯୋଗୁଁ ଯାତ୍ରୀଙ୍କ ପିସ୍ତଲରୁ ଗୋଟିଏ ରାଉଣ୍ଡ ଗୁଳି ଫୁଟି ଚଟାଣରେ ମାଡ଼ ହୋଇ ଦୁଇଜଣ ଏଏଆଇସିଏଲଏଏସ ସ୍କ୍ରିନରଙ୍କ ଦେହରେ ଲାଗିଥିଲା। ପ୍ରାଥମିକ ସୂଚନା ଅନୁସାରେ ଉତ୍ତରପ୍ରଦେଶ ଆଜମଗଡ଼ର ପୂର୍ବତନ ସେ ନିକ କମଲେଶ ରାୟ ମୁମ୍ବାଇ ଯାଉଥିଲେ। ନିୟମ ଅନୁସାରେ ସେ ନିଜ ଲାଇସେନ୍ସ ପିସ୍ତଲ ମୁମ୍ବାଇ ବିମାନ ବନ୍ଦର ପର୍ଯ୍ୟନ୍ତ ନେବା ପାଇଁ ଅନଲାଇନରେ ବୁକିଙ୍ଗ୍ କରାଇଥିଲେ। ଗୁଳିକାଣ୍ଡ ପରେ, ବିମାନବନ୍ଦର ପରିସରରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, କେଉଁ ପରିସ୍ଥିତିରେ ପିସ୍ତଲରୁ ଗୁଳି ଫୁଟିଥିଲା ତାହାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ବିମାନବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଏବଂ ସମ୍ପୃକ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକ ଯାତ୍ରୀ, ଅସ୍ତ୍ରଶସ୍ତ୍ର ଏବଂ ଘଟଣା ପାରିପାର୍ଶ୍ୱିକ ପରିସ୍ଥିତି ବିଷୟରେ ସୂଚନା ସଂଗ୍ରହ କରୁଛନ୍ତି।



# ୟୁକ୍ରେନରେ ରୁଷର ମିସାଇଲ ମାଡ଼, ଜଣଙ୍କ ମୃତ୍ୟୁ: ମସ୍କୋ ଉପରକୁ ୬୦୦ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ

କିଭ୍: ଆକାଶମାର୍ଗରୁ କ୍ରମାଗତ ବୋମାବର୍ଷଣକୁ ନେଇ ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଇଛି। ରବିବାର ରୁଷ ପକ୍ଷରୁ କରାଯାଇଥିବା ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅତିକମରେ ୭ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଗୃହ ସହର କିଭ୍ ର ଦୁଇଟି ଶିଳ୍ପାଞ୍ଚଳକୁ ଲକ୍ଷ୍ୟ କରି ରୁଷ ସେନା ପ୍ରବଳ ବୋମାବର୍ଷଣ କରିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ୬ ଜଣ ଆହତ ହୋଇଛନ୍ତି। ସେହିପରି ରାଜଧାନୀ କିଭ୍ ରେ ମିସାଇଲ୍ ମାଡ଼ ଯୋଗୁଁ ବିଭିନ୍ନ ସ୍ଥାନରେ ନିଆଁ ଲାଗିଯିବା ସହ ଜଣେ ବ୍ୟକ୍ତି ଆହତ ହୋଇଥିବା ମେୟର ଭିତାଲି କ୍ଲିଚ୍‌କୋ ସୂଚନା ଦେଇଛନ୍ତି। ଅନ୍ୟପଟେ ୟୁକ୍ରେନ ସେନା ମଧ୍ୟ ରୁଷ ଭିତରକୁ ପଶି ଏକ ବଡ଼ଧରଣର ପ୍ରତିଶୋଧମୂଳକ ଆକ୍ରମଣ କରିଛି। ରୁଷର ରାଜଧାନୀ



ମସ୍କୋ ଓ ଏହାର ଆଖପାଖ ଅଞ୍ଚଳକୁ ଲକ୍ଷ୍ୟ କରି ୟୁକ୍ରେନ ରାତିସାରା ପାଖାପାଖି ୬୦୦ ଡ୍ରୋନ୍ ମାଡ଼ କରିଥିବା ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ପ୍ରକାଶ କରିଛନ୍ତି। ଏଥିମଧ୍ୟରୁ ୨୦୧ଟି ଡ୍ରୋନକୁ ରୁଷୀୟ ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇ ଦେଇଥିବା ବେଳେ ଏହି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ଏହାବ୍ୟତୀତ ରୋଷ୍ଟୋଭ୍ ସୀମାନ୍ତ ଅଞ୍ଚଳରେ ୟୁକ୍ରେନର ୧୫୦ରୁ ଅଧିକ ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆବାସିକ ଓ ଶିଳ୍ପ କୋଠାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଉଭୟ ଦେଶ ବର୍ତ୍ତମାନ ଯୁଦ୍ଧକ୍ଷେତ୍ର ବାହାରେ ପରସ୍ପରର ସାମରିକ ଓ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ବ୍ୟାପକ ଡ୍ରୋନ୍ ବ୍ୟବହାର କରୁଛନ୍ତି।

# ରାଜନୀତିକୁ ଆସି ମୁଁ ବଡ଼ ଭୁଲ୍ କଲି ସୁଇସାଇଡ୍ ନୋଟ୍‌ରେ ଲେଖିଲେ ଆଶିଷ

କୋଲକାତା : ପଶ୍ଚିମବଙ୍ଗ ବିଧାନସଭାର ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ବୀରଭୂମି ଜିଲ୍ଲାର ଏକ ଟିଏମସି କାର୍ଯ୍ୟାଳୟରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ୭୪ ବର୍ଷ ବୟସ୍କ ଆଶିଷ ବାନାର୍ଜୀ ରାମପୁରହାଟର ୱାର୍ଡ ନମ୍ବର ୫ର ହଟଲାପାରା ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ପାଖରେ ତୃଣମୂଳ କଂଗ୍ରେସ ପାର୍ଟି ଅଫିସ୍ ଥିଲା । ପୁଲିସର ସୂଚନା ଅନୁଯାୟୀ ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି । ଏଥିରେ ସେ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରି ନାହାନ୍ତି । ତେବେ ଚିଠିରେ ଥିବା ଗୋଟିଏ କଥାକୁ ନେଇ ବ୍ୟାପକ ଆଲୋଚନା ହେଉଛି । ଏହି ଚିଠିରେ ଆଶିଷ ନିଜେ ରାଜନୀତିରେ ପ୍ରବେଶ କରିବା ନେଇ ଦୁଃଖ ପ୍ରକାଶ କରିଛନ୍ତି । ଭବିଷ୍ୟତରେ ରାଜନୀତିରେ ପ୍ରବେଶ ନକରିବାକୁ ସେ ତାଙ୍କ ପରିବାର ସଦସ୍ୟଙ୍କୁ ପରାମର୍ଶ ମଧ୍ୟ ଦେଇଛନ୍ତି ।



ତାଙ୍କ ଚିଠିରେ ଆଶିଷ ବାନାର୍ଜୀ ଲେଖିଛନ୍ତି ଯେ ତାରାପୀଠ ରାମପୁରହାଟ ଉନ୍ନୟନ କର୍ତ୍ତୃପକ୍ଷ ମଧ୍ୟରେ ତାଙ୍କର କୌଣସି ଅଧିକାର ନଥିଲା । ମୁଁ କେବଳ ବୈଠକରେ ଯୋଗଦେଇଥିଲି । ମୁଁ ଟେଣ୍ଡର କମିଟିରେ ନଥିଲି। ମୋର ଦସ୍ତଖତ ଯାଞ୍ଚ୍ କରିବାର ଅଧିକାର ନଥିଲା । ମୁଁ କୌଣସି ଯୋଜନା ଅନୁମୋଦନ କରିବାରେ ସାମିଲ ନଥିଲି । ଏହା ବ୍ୟତୀତ, ମୁଁ କୌଣସି ଏନଓସି ପ୍ରଦାନ କରିନଥିଲି । ମତେ ଏହି ମାମଲାରେ ଫସାଇବାକୁ ଚେଷ୍ଟା କରାଯାଇଛି । ମୁଁ ରାଜନୀତିରେ ପ୍ରବେଶ କରି ଭୁଲ୍ କରିଛି । ଏହି ବିଷୟଗୁଡ଼ିକରେ କେହି ମୋ ସହିତ ପରାମର୍ଶ କରି ନଥିଲେ । ମୋତେ ବଦନାମ କରୁଥିବା ଘଟଣାକୁ ମଧ୍ୟ ନିନ୍ଦା କରିଥିଲି । ସୁଇସାଇଡ୍ ନୋଟ୍ ନେଇ ଅଭିଷେକ ବାନାର୍ଜୀ କହିଛନ୍ତି, ତାଙ୍କର ଶେଷ ଟିପ୍ପଣୀ ତାଙ୍କୁ ବଦନାମ କରିବା ପାଇଁ ଏକ ଅଭିଯାନକୁ ପ୍ରକାଶ କରୁଛି, ଯାହାର ମୁକାବିଲା କରିବାକୁ ସେ ପ୍ରୟାସ କରୁଥିଲେ । ମିଡିଆ ଟ୍ରାଏଲ୍ ପ୍ରସଙ୍ଗ ଉଠାଇ ସେ କହିଛନ୍ତି, ଆଶିଷ ବାନାର୍ଜୀଙ୍କ ଦୁଃଖଦ ମୃତ୍ୟୁ କେବଳ ହୃଦୟବିଦାରକ ନୁହେଁ, ବରଂ ରାଜନୀତି ଏବଂ ସାମ୍ବାଦିକତାର ସୀମା ରହିବା ଉଚିତ୍ ବୋଲି ବିଶ୍ୱାସ କରୁଥିବା ସମସ୍ତଙ୍କ ପାଇଁ ଏକ ଚେତାବନୀ ଦେବା ଭଳି ଘଟଣା । ବିଜେପି ଏବଂ ଗଣମାଧ୍ୟମର ଏକ ଅଂଶ ଏପରି ରାଜନୀତିର ପରିଣାମ ବିଷୟରେ ବିଚାର କରିବା ଉଚିତ୍, ଯେଉଁଥିରେ ଅଭିଯୋଗଗୁଡ଼ିକୁ ଅତିରଞ୍ଜିତ କରାଯାଏ, ଲୋକଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଯାଏ ଏବଂ ସତ୍ୟ ପ୍ରକାଶ ପାଇବା ପୂର୍ବରୁ ସେମାନଙ୍କୁ ଏକ ସାର୍ବଜନୀନ ଅଦାଲତରେ ଦୋଷୀ ସାବ୍ୟସ୍ତ କରାଯାଏ । ଜୀବନବ୍ୟାପୀ ଶିକ୍ଷକ ଏବଂ ସାର୍ବଜନୀନ ସେବକ ଆଶିଷ ବାନାର୍ଜୀ ଦଶନ୍ଧି ଧରି ସଚ୍ଚୋଟତା, ମର୍ଯ୍ୟାଦା ଏବଂ ସରଳତାର ସହିତ ଲୋକଙ୍କ ସେବା କରି ବିତାଇଥିଲେ । ସେ ଜଣେ ସମ୍ମାନିତ ବ୍ୟକ୍ତି ଏବଂ ବୀରଭୂମି ପାଇଁ ଗର୍ବର ଉତ୍ସ ଥିଲେ । ଏହି ଅଭିଯାନରେ ସାମିଲ ଥିବା ଲୋକମାନେ ସେମାନଙ୍କ କଥା ଏବଂ କାର୍ଯ୍ୟର ମାନବିକ ପରିଣାମ ବିଷୟରେ ବିଚାର କରିବା ଉଚିତ୍। ରାଜନୈତିକ ଲଢ଼େଇ ଆସିପାରେ ଏବଂ ଯାଇପାରେ, କିନ୍ତୁ ଥରେ ହରାଇଥିବା ଜୀବନ କେବେ କେହି ଫେରି ପାଇପାରିବେ ନାହିଁ ବୋଲି ଅଭିଷେକ କହିଛନ୍ତି ।

# ଅଷ୍ଟ୍ରେଲିଆକୁ ହରାଇ ଇତିହାସ ରଚିଲା ବାଂଲାଦେଶ





ଢାକା, ୧୬/୮ :କ୍ରିକେଟ୍ ଇତିହାସରେ ଏକ ଅଭୂତପୂର୍ବ ଏବଂ ବଡ଼ ଧରଣର ବିଜୟ ହାସଲ କରିଛି ବାଂଲାଦେଶ କ୍ରିକେଟ୍ ଦଳ। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ୯ ୱିକେଟ୍‌ରେ ଜବରଦସ୍ତ ବିଜୟ ହାସଲ କରିଛି। ମ୍ୟାଚ୍‌ର ଚତୁର୍ଥ ପାଳିରେ ମାତ୍ର ୫୭ ରନ୍‌ର ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ଏହାକୁ ଅତି ସହଜରେ ହାସଲ କରି ନେଇଛି। କ୍ରିକେଟ୍ ଇତିହାସରେ ଏହା ପ୍ରଥମ ଘଟଣା, ଯେଉଁଠାରେ ବାଂଲାଦେଶ ଅଷ୍ଟ୍ରେଲିଆ ମାଟିରେ କୌଣସି ଟେଷ୍ଟ ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ସାମଗ୍ରିକ ଭାବେ ଟେଷ୍ଟ କ୍ରିକେଟ୍ ଇତିହାସରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହା ବାଂଲାଦେଶର ଦ୍ୱିତୀୟ ବିଜୟ।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୮ ରନରେ ଅଲଆଉଟ୍ ହେବା ପରେ ବାଂଲାଦେଶ ତଞ୍ଜିଦ ହସନ ତମିମଙ୍କ ଶତକ ସହ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୮୪ ରନ ଓ ମେହିଦି ହସନ ମିର୍ଜା ୬୫ ରନ ବଳରେ ୪୨୬ ରନ କରିଥିଲା । ପୁଣି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୮୪ ରନରେ ଅଲଆଉଟ୍ ହୋଇଥିଲା । ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବାଂଲାଦେଶକୁ ୫୭ ରନର ବିଜୟ ଲକ୍ଷ୍ୟ ମିଳିଥିଲା, ଯାହାକୁ ଦଳ ସହଜରେ ହାସଲ କରି ୯ ୱିକେଟରେ ମ୍ୟାଚକୁ ଜିତି ନେଇଛି । ଏହି ବିଜୟ ସହ ଅଷ୍ଟ୍ରେଲିଆ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ବାଂଲାଦେଶ ୧-୦ରେ ଆଗୁଆ ରହିଛି । ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ଅଷ୍ଟ୍ରେଲିଆ ମାତ୍ର ୫୭ ରନର ବିଜୟ ଲକ୍ଷ ଦେଇଥିଲା । ଯାହାକୁ ବାଂଲାଦେଶ ୧୪.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା । ବାଂଲାଦେଶର ଦ୍ୱିତୀୟ ଇନିଂସରେ ତାଞ୍ଜିଦ ହାସନ ଖାତା ଖୋଲିପାରିନଥିଲେ । ମୋମିନୁଲ ହକ ୩୦ ରନ୍ କରିଥିଲେ । ଶାଦମାନ ଇସଲାମ ୨୫ ରନ୍ କରି ଅପରାଜିତ ରହିଥିଲେ । ଟେଷ୍ଟରେ ପ୍ରଥମ ଇନିଂସରେ ବାଂଲାଦେଶ ୧୦ ୱିକେଟ୍ ହରାଇ ୪୨୬ ରନ୍ କରିଥିଲା । ତାନିଞ୍ଜି ହକ୍ ୧୦୧ରନ୍ ଇନିଂସ ଖେଳିଥିଲେ । ନାଞ୍ଜମୁଲ ହୋସିନ ୮୪ ରନ୍ କରିଥିଲେ।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୦ ୱିକେଟ୍ ହରାଇ ୧୯୮ ରନ୍ କରିଥିଲା । ଦଳ ପକ୍ଷରୁ ଷ୍ଟିଭେନ୍ ସ୍ମିଥ ୭୧ ରନ୍ କରିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଟ୍ରାଭିସ୍ ହେଡ୍ ୨୨ ରନ୍, ଜାକେ ୨୩ ରନ୍, ଲାବୁସାନା ୧ ରନ୍ କାମରନ୍ ଗ୍ରୀନ ୧୩ ରନ୍ କରିଥିଲେ । ବାଂଲାଦେଶ ପକ୍ଷରୁ ହାସନ ମହମଦ ୬ଟି ୱିକେଟ୍ ନେଇଥିଲେ । ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ କ୍ୟାମରନ୍ ଗ୍ରୀନ ଶତକ ହାସଲ କରିଥିଲେ କିନ୍ତୁ ତାହା ବୃଥା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ମିଥ ୪୪ ରନ୍, ଆଲେକ୍ସ କ୍ୟାରୀ ୩୦ ରନ୍, ଲାବୁସାନା ୩୧ ରନର ଇନିଂସ ଖେଳିଥିଲେ । ବାଂଲାଦେଶ ପକ୍ଷରୁ ହାସନ ମିରାଜ ୫ଟି ୱିକେଟ୍ ହାସଲ କରିଥିଲେ ।

ବାଂଲାଦେଶ ପୂର୍ବରୁ କୌଣସି ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ପରାସ୍ତ କରିନାହିଁ । ପୂର୍ବରୁ ଏମିତି ୨୦୧୭ରେ ମୀରପୁରରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ଘଟିଥିଲା, ଯେଉଁଠାରେ ବାଂଲାଦେଶ ଅଷ୍ଟ୍ରେଲିଆକୁ ୨୦ ରନରେ ପରାସ୍ତ କରିଥିଲା। ଏହା ପ୍ରଥମ ଥର ପାଇଁ ବାଂଲାଦେଶ ଅଷ୍ଟ୍ରେଲିଆକୁ ତାର ଘରୋଇ ମାଟିରେ ପରାସ୍ତ କରିଛି । ଏହି ବିଜୟ ସହିତ, ମୋଟ ୭ ଟେଷ୍ଟ ଖେଳିବା ପରେ ବାଂଲାଦେଶର ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ରେକର୍ଡ ୨-୫ରେ ପହଞ୍ଚିଛି । ପ୍ରଥମ ଟେଷ୍ଟ ଜିତିବା ସହିତ, ବାଂଲାଦେଶ ଦୁଇ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଛି । ଏହାସହ ସବୁଠାରୁ କମ୍ ଟେଷ୍ଟ ଖେଳି ଅଷ୍ଟ୍ରେଲିଆକୁ ତା'ର ଘରୋଇ ଗ୍ରାଉଣ୍ଡରେ ପରାସ୍ତ କରିବାରେ ପ୍ରଥମ ଏସୀୟ ଦେଶ ହୋଇଛି

୨୦୦୦ ମସିହାରେ ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟ୍ ଖେଳିବା ଆରମ୍ଭ କରିଥିବା ବାଂଲାଦେଶ ଦଳ ଗତ ୨୬ ବର୍ଷରେ ଅଷ୍ଟ୍ରେଲିଆକୁ ତା'ର ଘରୋଇ ମାଟିରେ କେବେବି ପରାସ୍ତ କରିପାରି ନଥିଲା। ଅଢେଇ ଦଶନ୍ଧିର ଦୀର୍ଘ ଅପେକ୍ଷା ପରେ ବାଂଲାଦେଶ କ୍ରିକେଟ୍ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଦଳର ଏହି ବୃହତ ବିଜୟ ପଛରେ ଯୁବ ଦ୍ରୁତ ବୋଲର ହସନ ମହମୁଦଙ୍କର ଅତୁଳନୀୟ ଅବଦାନ ରହିଛି, ଯିଏ ମ୍ୟାଚ୍‌ରେ ୯ଟି ୱିକେଟ୍ ଅକ୍ତିଆର କରିଥିଲେ।

ଉଲ୍ଲେଖଯୋଗ୍ୟ, ଟେଷ୍ଟ କ୍ରିକେଟ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ବାଂଲାଦେଶର ପ୍ରଥମ ବିଜୟ ୨୦୧୭ରେ ଆସିଥିଲା। ସେତେବେଳେ ମୁସଫିକୁର ରହିମ୍‌ଙ୍କ ଅଧିନାୟକତ୍ୱରେ ବାଂଲାଦେଶ ଘରୋଇ ମଇଦାନ ଢାକାରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ଏହାର ୮ ବର୍ଷ ପରେ ବର୍ତ୍ତମାନ କଙ୍ଗାରୁ ଦଳକୁ ସେମାନଙ୍କ ନିଜ ଗଡ଼ରେ ହରାଇ ବାଂଲାଦେଶ ଆଉ ଏକ ନୂତନ କୀର୍ତ୍ତିସ୍ଥାନ ସ୍ଥାପନ କରିଛି।

### ପରାଜୟ ସ୍ୱୀକାର କଲେ କମିନ୍ସ

ଦଳର ଶୋଚନୀୟ ପରାଜୟ ପରେ ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି ଅଷ୍ଟ୍ରେଲିଆ ଟିମ୍ ଅଧି ନାୟକ ପ୍ୟାଟ୍ କମିନ୍ସ । ବାଂଲାଦେଶ ଟିମ୍ ଡର୍ବିନ୍ ଟେଷ୍ଟରେ ଅଷ୍ଟେଲିଆକୁ ୯ ୱିକେଟ୍‌ରେ ଧୂଳି ଚଟାଇ ଐତିହାସିକ ବିଜୟ ହାସଲ କରିଥିଲା । ଦଳକୁ ନେଇ ପ୍ୟାଟ୍ କମିନ୍ସ କହିଛନ୍ତି ଯେ ଦଳର ପ୍ରସ୍ତୁତି ଭଲ ଥିବା ସତ୍ତ୍ୱେ ମଇଦାନ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲା । ସେ କହିଥିଲେ ଯେ ପ୍ରଥମ ଦିନ ୱିକେଟରୁ ବୋଲରଙ୍କୁ କିଛି ସହାୟତା ମିଳୁଥିଲେ ମଧ୍ୟ ଅଷ୍ଟ୍ରେଲୀୟ ବ୍ୟାଟରମାନେ ଅଧିକ ସମୟ କ୍ରିଜରେ ଟିକି ରହିବା ଆବଶ୍ୟକ ଥିଲା । କମିନ୍ସ କହିଛନ୍ତି, ପ୍ରଥମ ଦିନ ଦଳକୁ ଅଧିକ ସମୟ ବ୍ୟାଟିଂ କରିବାର ଥିଲା । ଏହାପରେ ବୋଲିଂରେ ମଧ ବାଂଲାଦେଶ ଉପରେ ଚାପ ସୃଷ୍ଟି କରିବାରେ ଅଷ୍ଟ୍ରେଲିଆ ବିଫଳ ହୋଇଥିଲା ।

## ହକି ବିଶ୍ୱକପ୍: ପ୍ରଥମ ମ୍ୟାଚରେ ଭାରତ ବିଜୟୀ

ନୂଆଦିଲ୍ଲୀ, ୧୬/୮ : ଭାରତୀୟ ପୁରୁଷ ହକି ଦଳ ବେଲଜିୟମ ଏବଂ ନେଦରଲ୍ୟାଣ୍ଡସ ଦ୍ୱାରା ମିଳିତ ଭାବରେ ଆୟୋଜିତ ୨୦୨୬ ହକି ବିଶ୍ୱକପ୍ ପାଇଁ ଏକ ଚମତ୍କାର ଆରମ୍ଭ କରିଛି। ସ୍ୱାଧୀନତା ଦିବସରେ ଖେଳାଯାଇଥିବା ସେମାନଙ୍କର ପ୍ରଥମ ପୁଲ-ଡି ମ୍ୟାଚରେ, ଟିମ୍ ଇଣ୍ଡିଆ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଏକ ଚମତ୍କାର ବିଜୟ ସହିତ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲା। ଭାରତୀୟ ଦଳ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଏବଂ ମ୍ୟାଚ୍ ଆରମ୍ଭରୁ ହିଁ ସେମାନଙ୍କର ପ୍ରଦର୍ଶନ ବଜାୟ ରଖିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ପୁଣି ଥରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍ ଆରମ୍ଭରେ ଉଭୟ ଦଳ ସନ୍ତୁଳିତ ଖେଳ ପ୍ରଦର୍ଶନ କରିଥିଲେ, କିନ୍ତୁ ଭାରତୀୟ ଫରୱାର୍ଡମାନେ ଶୀଘ୍ର ନିୟନ୍ତ୍ରଣ ହାସଲ କରିଥିଲେ। ୮ମ ମିନିଟରେ, ଯୁବ ଡିଫେଣ୍ଡର ସଞ୍ଜୟ ପେନାଲ୍ଟି କର୍ଣ୍ଣରରୁ ଏକ ଚମତ୍କାର ଡ୍ରାଗ୍-ଫ୍ଲିକ୍ କରିଥିଲେ; ସେ ୱେଲ୍ସ ଡିଫେନ୍ସକୁ ଭେଦ କରି ନେଟର କର୍ଣ୍ଣର ପାଇଥିଲେ, ଯାହା ଭାରତକୁ ୧-୦ର ଅଗ୍ରଣୀ ଦେଇଥିଲା। ତା'ପରେ, ୧୧ତମ ମିନିଟରେ, ଅଧିନାୟକ ହରମନପ୍ରୀତ ସିଂହ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିଥିଲେ। ହରମନପ୍ରୀତଙ୍କ ଶକ୍ତିଶାଳୀ ଏବଂ ସଠିକ୍ ଫ୍ଲିକ୍ ଆଗରେ ୱେଲ୍ସ ଗୋଲକିପରଙ୍କ ପ୍ରଦର୍ଶନ ଫିକା ଫିକା ମନେ ହେଉଥିଲା।ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା, ୱେଲ୍ସର ଦୃଢ଼ ପ୍ରତିରକ୍ଷା ଭାରତର ସୂରଜ କରକେରା ଏବଂ ମୋହିତଙ୍କ ଆକ୍ରମଣକୁ ପ୍ରତିହତ କରିଥିଲା। ଫଳସ୍ୱରୂପ, ପ୍ରଥମାର୍ଦ୍ଧ ଶେଷରେ ଭାରତ ୨-୦ରେ ଆଗୁଆ ରହିଥିଲା। ଭାରତ ଦ୍ୱିତୀୟାର୍ଦ୍ଧରେ ମଧ ଏହି ଅଗ୍ରଣୀ ବଜାୟ ରଖିଥିଲା, ୱେଲ୍ସ ପ୍ରତିଯୋଗିତାରେ ଯଥେଷ୍ଟ ପଛରେ ପଡ଼ିଯାଇଥିଲା। ତୃତୀୟ କ୍ୱାର୍ଟରରେ,



ଭାରତୀୟ ଦଳ ମଧ୍ୟଭାଗରୁ ଆକ୍ରମଣାତ୍ମକ ଖେଳ ଶୈଳୀ ବଜାୟ ରଖିଥିଲା। ଏହି କ୍ୱାର୍ଟରରେ ଉତ୍କୃଷ୍ଟ କ୍ଷେତ୍ର ଖେଳ ମାଧ୍ୟମରେ ଭାରତ ଏହାର ପ୍ରଦର୍ଶନ ସ୍ୱରୁପ ୩-୦ ରେ ଅଗ୍ରଣୀ ହାସଲ କରିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ତୃତୀୟ ଗୋଲ ମଧ କରିଥିଲେ। ୱେଲ୍ସ ଶେଷ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା, ୫୬ତମ ମିନିଟରେ ଗୋଲ ସ୍କୋର କରି ଏହାକୁ ୩-୧ କରିଥିଲା, କିନ୍ତୁ ଭାରତୀୟ ଡିଫେନ୍ସ ଆଉ କୌଣସି ସୁଯୋଗ ହାତଛଡ଼ା ନକରି ୩-୧ ରେ ବିଜୟ ଏବଂ ସେମାନଙ୍କର ପୁଲ ଡି ଅଭିଯାନର ଏକ ଚମତ୍କାର ଆରମ୍ଭ କରିଥିଲା।

## ଡବ୍ଲୁଟିସି ଟେବୁଲରେ ଭାରତ ପାଇଁ ଚାପ

ଦୁବାଇ, ୧୬/୮ : ବାଂଲାଦେଶର ବିଜୟରେ ଡବ୍ଲୁଟିସି ଫାଇନାଲ ଟେବୁଲର ଗଣିତ ବଦଳିଛି । ଟିମ୍ ଇଣ୍ଡିଆ ଉପରେ ଚାପ ପଡିଛି । ଡାରୱିନ୍ ମାରାରା କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା

ବିଶ୍ୱ ବିଜୟୀ ଅଷ୍ଟ୍ରେଲିଆ ବିରୋଧରେ ବାଂଲାଦେଶର ଏହି ବିଜୟରେ ଭାରତ ଉପରେ ଚାପ ପଡିଛି । ବିଶ୍ୱ ଟେଷ୍ଟ ଚମ୍ପିଅନସିପ ଚକ୍ର (୨୦୨୫-୨୭ ପଏଣ୍ଟ ଟେବୁଲରେ ଏହି ଐତିହାସିକ ବିଜୟରୁ ବାଂଲାଦେଶକୁ ଲାଭ ମିଳିଛି । ଦଳର ପଏଣ୍ଟ ପ୍ରତିଶତ ୫୮.୩୩ରୁ ୬୬.୬୭କୁ ବୃଦ୍ଧି ହୋଇଛି । ୫ଟି ମ୍ୟାଚରେ ତୃତୀୟ ବିଜୟ ପରେ ବାଂଲାଦେଶ ଚତୁର୍ଥ ସ୍ଥାନରେ ରହିଛି । ଶୀର୍ଷରେ ଥାଇ ବି ପରାଜୟ ପାଇଁ ଅଷ୍ଟ୍ରେଲିଆ କ୍ଷତି ସହିଛି । ଦଳର ପଏଣ୍ଟ ପ୍ରତିଶତ ୮୭.୫୦ରୁ ୭୭.୭୭କୁ ଖସି ଆସିଛି । ଦ୍ୱିତୀୟ ସ୍ଥାନରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ ଆଫ୍ରିକା ରହିଛି । ତାର ପଏଣ୍ଟ ପ୍ରତିଶତ ୭୫.୦୦ ରହିଛି । ଦୁଇ ଦଳ ମଧ୍ୟରେ ବ୍ୟବଧାନ ଯଥେଷ୍ଟ ହ୍ରାସ ପାଇଛି । ୬ଟି ମ୍ୟାଚ ପରେ ନ୍ୟୁଜିଲାଣ୍ଡ ୭୨.୨୨ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି । ଭାରତ ୪୮. ୧୫ ପଏଣ୍ଟ ପ୍ରତିଶତ ସହିତ ପଞ୍ଚମ ସ୍ଥାନରେ ରହିଛି । ଶ୍ରୀଲଙ୍କା ୪୧.୬୪ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି । ବର୍ତ୍ତମ୍ନା ଭାରତ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ୍ ଜାରି ରହିଛି । ଯଦି ଭାରତ ଜିତୁଛି ଲାଭ ତ ମିଳିବ କିନ୍ତୁ ବାଂଲାଦେଶକୁ ଟପିପାରିବେ ନାହିଁ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଭାରତ ୯ଟି ମ୍ୟାଚ ଖେଳି ୪ଟି



ଜିତିଛି ୪ଟି ହାରିଛି । ଗୋଟିଏ ମ୍ୟାଚ୍ ଡ୍ର ହୋଇଛି । ଭାରତକୁ ବିଶ୍ୱ ଟେଷ୍ଟ ଚାମ୍ପଅନସିପ ଖେଳିବାକୁ ହେଲେ ଭାରତକୁ ତାର ଆଗାମୀ ମ୍ୟାଚ ଜିତିବାକୁ ପଡିବ । ଶ୍ରୀଲଙ୍କା ହରାଇବାକୁ ପଡିବ । ଏହା ପରେ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆକୁ ବି ଧୂଳି ଚଟାଇବାକୁ ପଡିବ ।

## ଏସୀୟ କ୍ରୀଡା ପୂର୍ବରୁ ଟିସୁକୁବାରେ ଭାରତୀୟ ଆଥ୍ଲେଟଙ୍କ ଅଭ୍ୟାସ

ନୂଆଦିଲ୍ଲୀ, ୧୬/୮: ଚଳିତ ବର୍ଷ ସେପ୍‌ଟେମ୍ବର-ଅକ୍ଟୋବରରେ ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସୀୟ କ୍ରୀଡା ପୂର୍ବରୁ ଭାରତୀୟ ଆଥ୍ଲେଟ୍‌ମାନେ ଟୋକିଓ ନିକଟସ୍ଥ ୟୁନିଭରସିଟି ଅଫ୍ ଟିସୁକୁବାଠାରେ ଆୟୋଜିତ ଅଭ୍ୟାସ ଶିବିରରେ ଯୋଗଦେବେ। ଭାରତୀୟ ଆଥଲେଟ୍, ପ୍ରଶିକ୍ଷକ ଓ କ୍ରୀଡ଼ା ବିଜ୍ଞାନୀମାନେ ଜାପାନରେ ପ୍ରଶିକ୍ଷଣ ଓ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସୁବିଧା ଯୋଗାଇବା ପାଇଁ ଚଳିତ ବର୍ଷ ଜୁନ୍‌ରେ ଭାରତୀୟ କ୍ରୀଡା ପ୍ରାଧିକାରଣ (ସାଇ) ଓ ୟୁନିଭରସିଟି ଅଫ୍ ଟିସୁକୁବା ମଧ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା।

ଟୋକିଓଠୁ ୮୦ କିଲୋମିଟର ଏବଂ ସେପ୍‌ଟେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ହେବାକୁ ଥିବା ନାଗୋୟାଠୁ ୪୨୯ କିଲୋମିଟର ଦୂର ହେଉଛି ଟିସୁକୁବା। ଭାରତୀୟ ଖେଳାଳି ନୂଆଦିଲ୍ଲୀରେ ସେପ୍‌ଟେମ୍ବର ୧୦ ତାରିଖରେ ହେବାକୁ ଥିବା ଇଣ୍ଡିଆନ୍ ଆଥ୍ଲେଟିକ୍ ଫାଇନାଲ୍ ସିରିଜ୍ ପରେ ଜାପାନ ଗସ୍ତ କରିବ। ଭାରତୀୟ ଦଳ ସେପ୍‌ଟେମ୍ବର ୧୨ ଓ ୧୩ରେ ଜାପାନରେ ପହଞ୍ଚିବ ଏବଂ ୟୁନିଭରସିଟି ଅଫ୍ ଟିସୁକୁବାଠାରେ ପରିବେଶ ସହ ଖାପଖୁଆଇବା ଲାଗି ଅଭ୍ୟାସ କରିବ ବୋଲି ସର୍ବଭାରତୀୟ ଦେଉଡ଼ୁଦ ମହାସଂଘର ଜଣେ ଅଧିକାରୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୨୨ରେ ହେବାକୁ ଥିବା ଇଣ୍ଡିଆନ୍ ଓପନ୍ ବିଶ୍ୱ ଦେଉଡ଼ୁଦ ସିଲ୍‌ଭର ଲେବଲ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟ ଲାଗି ସଂପ୍ରତି ଚେକ୍‌ଗଣରାଜ୍ୟର ଜାବ୍‌ଲୋନେକ୍‌ରେ ପ୍ରଶିକ୍ଷଣ ନେଉଥିବା ଏସୀୟ କ୍ରୀଡା ଲାଗି ମନୋନୀତ ଭାରତୀୟ ଖେଳାଳି ଦିନେ ଦୁଇଦିନ ମଧ୍ୟରେ ସ୍ୱଦେଶ ଫେରିବେ। ଏସୀୟ କ୍ରୀଡା ଲାଗି ଏଏଫଆଇ ୭୨ ଜଣିଆ ଦଳ ଘୋଷଣା କରିଛି।

## ଲିଭରପୁଲ୍ ଏଫ୍‌ସିର ୩୦% ଅଂଶୋଧନ କିଣିବେ ବ୍ରିଟିସ୍-ଭାରତୀୟ ଉଦ୍ୟୋଗୀ ଅମିତ ଭାଟିଆ

ଲଣ୍ଡନ, ୧୬/୮: ଭାରତୀୟ ଇସ୍ପାତ ବ୍ୟବସାୟୀ ଲକ୍ଷ୍ମୀ ମିତ୍ତଲଙ୍କ ଜାମାତା ବ୍ରିଟିଶ-ଭାରତୀୟ ଉଦ୍ୟୋଗୀ ଅମିତ ଭାଟିଆଙ୍କ ନେତୃତ୍ୱାଧୀନ ଏକ କନସୋର୍ଟିୟମ ପ୍ରାୟ ୧.୭ ବିଲିୟନ୍ ୟୁରୋ ବା ଭରତୀୟ ମୁଦ୍ରା ୧୮,୬୧୫ କୋଟି ଟଙ୍କାରେ ଲିଭରପୁଲ ଏଫ୍‌ସି ୩୦ ପ୍ରତିଶତ ଅଂଶୋଧନ କିଣିବ । ଲିଭରପୁଲ ଏଫ୍‌ସି ମାଲିକ ଫେନ୍‌ୱେ ସ୍ପୋର୍ଟ୍ସ ଗ୍ରୁପ୍ (ଏଫ୍‌ଏସ୍‌ଜି) ୨୦୧୦ରେ ୩୦୦ ମିଲିୟନ୍ ୟୁରୋ (ପ୍ରାୟ ୩୨୮୫ କୋଟି ଟଙ୍କା)ରେ କ୍ଲବ୍‌କୁ କିଣିଥିଲା । ଏହାର କିଛି ସେୟାର ବିକ୍ରି କରିବା ଲାଗି '୧୮୯୨ ହୋଲ୍‌ଡିଂ' କମ୍ପାନି ସହ ଚୁକ୍ତି ହୋଇଛି ।

ଲିଭରପୁଲ୍ ଏଫ୍‌ସି ପ୍ରତିଷ୍ଠା ବର୍ଷ (୧୮୯୨) ନାଁରେ ହୋଇଥିବା କମ୍ପାନିର ନେତୃତ୍ୱ ଅମିତ ନେଉଛନ୍ତି




। ଏହି କନସୋର୍ଟିୟମ୍‌ରେ ଭାଟିଆ ଓ ମିତ୍ତଲ ପରିବାର ଟ୍ରଷ୍ଟ ସହ ଆମଜନ ପ୍ରତିଷ୍ଠାତା ଜେଫ ବେଜୋସଙ୍କ କେଓ୍ୱ ସ୍ପାର୍ଟ୍ସ, ଫେସ୍‌ବୁକ୍ ସହପ୍ରତିଷ୍ଠାତା ଏଡୁଆର୍ଡୋ ସାଭେରିନ୍ ଓ ତାଙ୍କ ପତ୍ନୀ ଇଲାଇନ୍‌ଙ୍କ ପାରିବାରିକ ଅଫିସ୍ ଇଇ କ୍ୟାପିଟାଲ୍ ନିବେଶ କରିଛନ୍ତି । ଏଫ୍‌ଏସ୍‌ଜି ବିଶ୍ୱର ଚତୁର୍ଥ ସର୍ବାଧିକ ମୂଲ୍ୟବାନ ଫୁଟ୍‌ବଲ୍ କ୍ଲବ୍ ଲିଭରପୁଲ୍ ଏଫ୍‌ସରି ଅଧିକାଂଶ ସେୟାର ପାଖରେ ରଖିବା ସହ ଏହାର ପରିଚାଳନା ନିଜ ନିୟନ୍ତ୍ରଣ ରଖିବ । ନୂଆ ନିବେଶ ଚୁକ୍ତି ହେବା ପରେ କୁଇନ୍ସ ପାର୍କ ରେଞ୍ଜର୍ସର ପୂର୍ବତନ ନିର୍ଦ୍ଦେଶକ ଅମିତ ଲିଭରପୁଲର ନୂଆ ଉପାଧ୍ୟକ୍ଷ ହେବେ ।

## ପ୍ରଥମ ଟେଷ୍ଟ : ପଡିକଲଙ୍କ ୧୬୭, ଭାରତ ୪୬୦/୯

ଗାଲେ, ୧୬/୦୮ :ଗାଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଯୋଗୁଁ ପ୍ରଥମ ଦେଢ଼ ସେସନରେ ମଧ ଖେଳ ଆରମ୍ଭ ହୋଇପାରିନଥିଲା। ପରବର୍ତ୍ତୀ ସମୟରେ କେବଳ ୪୩ ଓଭର ଖେଳ ସମ୍ଭବ ହୋଇଥିଲା। ଏହି ସମୟ ମଧ୍ୟରେ ଭାରତ ୧୭୨ ରନ କରିଥିଲା। ଦିନର ଖେଳ ଶେଷ ହେବା ପୂର୍ବରୁ ଟିମ୍ ଇଣ୍ଡିଆ ଅଲଆଉଟ୍ ହୋଇପାରେ ବୋଲି ମନେ ହେଉଥିଲା, କିନ୍ତୁ ସେମିତି କିଛି ହେଲା ନାହିଁ। ଭାରତ ୯ ୱିକେଟ ହରାଇ ୪୬୦ ରନ କରିଛି। ଖେଳ ଶେଷ ହେବା ବେଳକୁ କୁଲଦୀପ ଯାଦବ ୧୩ ବଲ୍ ରୁ ୧୨ ରନ କରି ଅପରାଜିତ ଥିଲେ ଏବଂ ପ୍ରସିଦ୍ଧ କୃଷ୍ଣ ୪ ବଲ୍ ରୁ ୧ ରନ କରି ଅପରାଜିତ ଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୁରିଆ ଚାରି ୱିକେଟ ନେଇଥିବା ବେଳେ କେଶର ନୁଓ୍ୱାନ୍ଥା ତିନୋଟି ୱିକେଟ ନେଇଥିଲେ।

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଭାରତୀୟ ବାମହାତୀ ବ୍ୟାଟସମ୍ୟାନ ଭାବେ ତୃତୀୟ ନମ୍ବରରେ ବ୍ୟାଟିଂ କରି ଶତକ ହାସଲ କରିଥିବା ଦେବଦତ୍ତ ପାଡିକ୍କଲ ଦ୍ୱିତୀୟ ଦିନରେ ୧୬୭ ରନ କରି ଆଉଟ ହୋଇଥିଲେ। ତାଙ୍କ ୨୩୦ ବଲ୍ ଇନିଂସରେ ସେ ୧୫ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଏହା ଶ୍ରୀଲଙ୍କା ବିପକ୍ଷରେ ତୃତୀୟ ନମ୍ବରରେ କୌଣସି ଭାରତୀୟ ବ୍ୟାଟସମ୍ୟାନଙ୍କ ଦ୍ୱାରା ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କ ?ର ଅଟେ। ଏହି ସମୟରେ, ପ୍ରଥମ ଦିନରେ ରିଟାୟାରଡ୍ ହର୍ଟ ହୋଇଥିବା କେଏଲ ରାହୁଲ ଦ୍ୱିତୀୟ ଦିନରେ ବ୍ୟାଟିଂ କରିବାକୁ ଫେରିଥିଲେ କିନ୍ତୁ ଶତକରୁ ବଞ୍ଚିତ ହୋଇଥିଲେ; ସେ ୧୭୫ ବଲ୍ ରୁ ୧୦ ଚୌକା ଏବଂ ଗୋଟିଏ ଛକା ମାରି ୮୨ ରନ କରି ଆଉଟ ହୋଇଥିଲେ।

ଷଷ୍ଠ ନମ୍ବରରେ ବ୍ୟାଟିଂ କରୁଥିବା ଧ୍ରୁବ ଜୁରେଲ ୬୮ ବଲ୍ ରୁ ୫୧ ରନ୍ ର ଇନିଂସ ଖେଳିଥିଲେ, ଯେଉଁଥିରେ ଚାରିଟି ଚୌକା ଏବଂ ଗୋଟିଏ ଛକା ଥିଲା। ତଥାପି, ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟରୁ ସେମିତି ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିନଥିଲା। ସେ ୨୫ ବଲ୍ ରୁ ୧୩ ରନ୍ କରି ଆଉଟ ହୋଇଥିଲେ। ମାନବ ସୁଥାର ୪୩ ବଲ୍ ରୁ ୨୪ ରନ୍ କରିଥିଲେ, ଯେଉଁଥିରେ



ଦୁଇଟି ଚୌକା ମଧ ସାମିଲ ଥିଲା। ମହମ୍ମଦ ସିରାଜ ଏକ ଚମତ୍କାର ଛକା ମାରିଥିଲେ କିନ୍ତୁ ଶେଷରେ ୧୫ ବଲ୍ ରୁ ୧୧ ରନ୍ କରି ଆଉଟ ହୋଇଥିଲେ। ପରବର୍ତ୍ତୀ ସମୟରେ, କୁଲଦୀପ ଯାଦବ ଏବଂ ପ୍ରସିଦ୍ଧ କୃଷ୍ଣ ୧୭ ବଲ୍ ରୁ ୧୩ ରନ୍ ର ଭାଗୀଦାରି କରିଥିଲେ, ଯାହା ଦଳକୁ ଅଲଆଉଟ୍ ହେବାରୁ ରୋକିଥିଲା।

## ଆଜିଠୁ ଦିଲ୍ଲୀରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

ନୂଆଦିଲ୍ଲୀ, ୧୬/୮: ରାଜଧାନୀ ନୂଆଦିଲ୍ଲୀରେ ଆସନ୍ତାକାଲିଠୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ୧୭ ବର୍ଷ ପରେ ଭାରତକୁ ଫେରିଥିବା ଏହି ପ୍ରତିଯୋଗିତାରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ବ୍ୟକ୍ତିଗତ ଭାବେ ରେକର୍ଡ ଷଷ୍ଠ ବିଶ୍ୱ ପଦକ ଲକ୍ଷ୍ୟରେ ରହିଛନ୍ତି। ୫ ଥରର ବିଶ୍ୱ ପଦକ ବିଜୟିନୀ ଭାରତୀୟ ତାରକା ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୨ ଥର ଲେଖାଏଁ ରୌପ୍ୟ ଓ କାଂସ୍ୟ କରାୟତ୍ତ କରିଛନ୍ତି। ତାଙ୍କୁ ଛାଡିକି ଅନ୍ୟ ଦୁଇ ଜଣ ଚୀନ୍‌ର ଲିନ୍ ଡାନ୍ (୫ ପୁରୁଷ ଏକକ ସ୍ୱର୍ଣ୍ଣ) ଓ ୟୁନଲେଇ (୩ ମିଶ୍ରିତ ଯୁଗଳ, ୨ ମହିଳା ଯୁଗଳ ସ୍ୱର୍ଣ୍ଣ) ୫ ଲେଖାଏଁ ପଦକ ଜିତିଛନ୍ତି। ତେବେ ଘରୋଇ ପଡିଆରେ ସିନ୍ଧୁ ଯଦି କାଂସ୍ୟ ପଦକ ବି ଜିତନ୍ତି ତେବେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ୬ ପଦକ ଜିତିବାର ଗୋରବ ଅର୍ଜନ କରିବେ। ପଞ୍ଚମ ମାନ୍ୟତାପ୍ରାପ୍ତ ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ମଧ ପୋଡିୟମ୍ ଫିନିସ୍ ଲକ୍ଷ୍ୟ ରଖିଛନ୍ତି ।ଦ୍ୱିତୀୟ ଭାରତୀୟ ପୁରୁଷ ଯୁଗଳ ଯୋଡି ଭାବେ ଏମ୍‌ଆର୍ ଅର୍ଜୁନ ଓ ହରିହଣ ଆମସାକୁରୁନାନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଏକକରେ ପ୍ରଦାର୍ପଣକାରୀ ୨୧ ଆୟୁଷ ସେଟ୍ଟୀ ବିଶ୍ୱର ଏକ ନମ୍ବର ତଥା ବିଜେତା ସି ୟୁ କ୍ୱିଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ୨୦୨୧ କାଂସ୍ୟ ବିଜେତା ୧୪ ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ସେନ୍ ନିଜର ପ୍ରଥମ ମ୍ୟାଚ୍ ଅଷ୍ଟ୍ରିଆର କଲିସ୍ସ ଭାଲେଣ୍ଟିନ ଫିଲିମନ୍‌ଙ୍କୁ ଭେଟିବେ। ମହିଳା ଯୁଗଳରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ପଦାର୍ପଣକାରୀ ସିମ୍ରନ ସିଂହୀ ଓ କାଭିପ୍ରିୟା ସେଲଭାମ୍ ନିଜର ଦମ୍ ଦେଖାଇବେ।

## ଭଲିବଲ୍ : ବାଲେଶ୍ୱରକୁ ହରାଇ ପୁରୀ ଚାମ୍ପିୟନ

କୋଣାର୍କ ୧୬/୦୮- ଦେଶର ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଣାର୍କ ସ୍ପ ?ର୍ଟ୍ସ ଏକାଡେମୀ, ଜନମଙ୍ଗଳ ଯୁବ ସଂଗଠନ ଓ କୋଣାର୍କ ଏନଏସିର ମିଳିତ ସହଯୋଗରେ କଲ୍ୟାଣ ମଣ୍ଡପ ପଡିଆରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଅତିଥି ଭାବରେ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ଜେନା, ଉପାଧ୍ୟକ୍ଷ ଶ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ସମ୍ମାନିତ ଅତିଥି ଭାବରେ ଓଡିଶା କ୍ରିକେଟର ମୁଖ୍ୟ କୋଚ ଶ୍ରୀ ପ୍ରଭଞ୍ଜନ ମଲ୍ଲିକ, ଚମ୍ପହାର ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ସାଂସଦ ପ୍ରତିନିଧି ମଙ୍ଗରାଜ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର କ୍ଲବ , ଭୁବନେଶ୍ୱର ରେନବୋ କ୍ଲବ, ପୁରୀ କ୍ଲବ ଓ ଚନ୍ଦ୍ରଭାଗା କ୍ଲବ ଅଂଶ ଗ୍ରହଣ କରିଥିଲେ ଓ ରାଉଣ୍ଡ ଲିଗ୍ ଖେଳ ପରେ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ପୁରୀ ଆଉ ବାଲେଶ୍ୱର ଓ ଫାଇନାଲ ମ୍ୟାଚ ୩ ସେଟ ବିଶିଷ୍ଟ ଖେଳା ଯାଇଥିଲା ବେଳେ ଏହି ମ୍ୟାଚ ରେ ପୁରୀ ଦଳ ଖେଳାଳି ମାନେ ଲଢୁଆ ଖେଳ ପ୍ରଦର୍ଶନ କରି ବାଲେଶ୍ୱରକୁ ୨-୦ ରେ ହରାଇ କୋଣାର୍କ କପ ୨୦୨୬ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଖେଳ ଗୁଡିକୁ ପରିଚାଳନା କରିଥିଲେ ରେଫ୍ରି ଶ୍ରୀକାନ୍ତ ନାୟକ, ପ୍ରିୟରଞ୍ଜନ ସାହୁ, ଉଦୟଭନୁ ସୁନ୍ଦରରାୟ, ବିଦ୍ୟୁତଭୂଷଣ ରଥ ଏବଂ ତ୍ରିଲୋଚନ ଦାଶ ଓ ଏହି ମ୍ୟାଚ ଗୁଡିକ ଝିପି ଝିପି ବର୍ଷା ସତ୍ୱେ ହଜାର ହଜାର ଦର୍ଶକ ଉପଭୋଗ କରି ମଜା ନେଇଥିଲେ ଓ ବିଜେତା ଦଳକୁ ଚମ୍ପିୟାନ ଟ୍ରଫି ସହ ୬୦୦୦ ଟଙ୍କା ଓ ଉପବିଜେତା ଦଳକୁ ରନର-ଅପ ଟ୍ରଫି ସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ଓ ଅନୁଷ୍ଠାନ



ତରଫରୁ ଭଲିବଲ ଖେଳରେ ଆମ ଅଞ୍ଚଳ ପାଇଁ ସୁନାମ ଆଣିଥିବା ଦୁଇ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ଜାତୀୟ ଜୁନିଅର ଓ ଜାତୀୟ ସ୍କୁଲ ଖେଳିଥିବା ପ୍ରାଞ୍ଜଳ ରାଉତରାୟ ଓ ଜାତୀୟ ସବ-ଜୁନିଅର ଖେଳିଥିବା ସୋମ୍ୟଜିତ ସାହୁଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ଓ ଟୁର୍ଣ୍ଣାମେଣ୍ଟ ଟିକୁ ସଫଳ କରିଥିବାରୁ କୋଣାର୍କ ସ୍ପ ?ର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ର ଶେଖର ରାଉତରାୟ ଓ ଜନ ମଙ୍ଗଳ ଯୁବ ସଂଗଠନ ର ସମ୍ପାଦକ ରାମକୃଷ୍ଣ ମହାନ୍ତି ସମସ୍ତ ଦଳ, କୋଣାର୍କ ଏନଏସି ର ସମସ୍ତ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ସମସ୍ତ ବ୍ୟବସାୟୀ ଏବଂ ଅନ୍ୟ ସମସ୍ତ ସହଯୋଗୀ ସଂଗଠନ ମାନଙ୍କୁ ପ୍ରଶଂସା କରିଥିଲେ ଓ ସମ୍ପାଦକ ରମାକାନ୍ତ ଖଟୋଇ, ଉପସଭାପତି ରଶ୍ମି ରଞ୍ଜନ ବିଶ୍ୱାଳ, ସଂଗ୍ରାମ କେଶରୀ ସାହୁ, ପ୍ରସନ୍ନ କୁମାର ମହାନ୍ତି, ଶିଶିର ସେଠ, ସୁଜିତ ରାଉତରାୟ, ବିପିନ ବିହାରୀ ପରିଡା, ରମେଶ ସ୍ୱାଇଁ, ନୀଳମଣି ମହାନ୍ତି, [illegible] ପରିଚାଳନା କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 , Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ